ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ଫେବୃୟାରୀ, ୨୦୨୨



## ନନ୍ଦନକାନନରେ ମାଈ ଶମ୍ବର ମୃତ

ବାରଙ୍ଗ,(ଡି.ଏନ୍.ଏ.)- ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୮ ନମ୍ବର ଏନ୍‌କ୍ଲୋଜର୍‌ରେ ରହୁଥିବା ୧୧ବର୍ଷୀୟା ମାଈ ଶମ୍ବରର ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। କିଛିଦିନ ହେବ ସେ ବିଭିନ୍ନ ରୋଗରେ ପୀଡ଼ିତ ହେବା ସହ ନାକରୁ ରକ୍ତ ପଡୁଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଡା'ର ଚିକିତ୍ସା କରୁଥିଲେ ମଧ ଆଜି ତାର ମୃତ୍ୟୁ ଘଟିଛି। ଏହି ମାଈ ଶମ୍ବରର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୧୮କୁ ହ୍ରାସପାଇଛି। ବର୍ତ୍ତମାନ ୧୦ଅଣ୍ଡିରା ୮ ମାଈ ଶମ୍ବର ରହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ, ରାଜଭବନ ଛକ, ସକାଳ ୮ଟା ୩୦।
- କଂଗ୍ରେସ ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ, କଂଗ୍ରେସ ଭବନ, ସକାଳ ୯ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ, ରାଜଭବନ ଛକ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରାଜଭବନ ଛକରେ ଥିବା ପ୍ରତିମୂର୍ତ୍ତି ନିକଟ, ସକାଳ ୯ଟା।
- ଭୁବନେଶ୍ୱର ଓକିଲ ସଂଘ ତରଫରୁ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା।
- ମଞ୍ଚେଶ୍ୱର ରେଳଡବା କାରଖାନାରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଧାରଣା, କାରଖାନା ପରିସର, ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### ବାଲୁଙ୍କେଶ୍ୱର ମନ୍ଦିରରୁ ମୂର୍ତ୍ତି ଚୋରି

**ବାଲକାଟୀ,୩।୨(ସ୍ୱ.ପ୍ର./ଡି.ଏନ୍.ଏ.):** ବାଲକାଟୀ ଫାଣ୍ଡି ଅନ୍ତର୍ଗତ ପ୍ରତାପ ଶାସନ ଗ୍ରାମରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରେ ପୂଜା ପାଉଥିବା ହରପାର୍ବତୀଙ୍କ ଅଷ୍ଟଧାତୁ ମୂର୍ତ୍ତିକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଏ ନେଇ ମନ୍ଦିର ପୂଜକ କିଶୋର କୁମାର ଦୀକ୍ଷିତ ଗୁରୁବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଫାଣ୍ଡି ଅଧିକାରୀ ମନତାଜ ଅଲ୍ଲି ଖାଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ପ୍ରାୟ ୪ଶହ ବର୍ଷ ତଳର ଏହି ପୁରାତନ ଅଷ୍ଟଧାତୁ ମୂର୍ତ୍ତି ବାଲୁଙ୍କେଶ୍ୱର ମନ୍ଦିରରେ ପୂଜା ପାଇ ଆସୁଥିଲା। ପ୍ରତିଦିନ ଭଳି ବୁଧବାର ରାତିରେ ପୂଜକ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସାରି ଘରକୁ ଯାଇଥିଲେ। ହେଲେ ଗୁରୁବାର ସକାଳୁ ପୂଜକ କିଶୋର ମନ୍ଦିରକୁ ଆସିବା ବେଳେ ମୂର୍ତ୍ତି ଚୋରି ହୋଇଥିବା ଦେଖି ଗ୍ରାମବାସୀ ଓ ସରପଞ୍ଚ ଭାଗ୍ୟଧର ନନ୍ଦୀଙ୍କୁ ଜଣାଇଥିଲେ। ଏହି ଅଷ୍ଟଧାତୁ ମୂର୍ତ୍ତିଦ୍ୱୟ ପ୍ରାୟ ଏକଫୁଟ ଉଚ୍ଚର ହେବ ବୋଲି ସରପଞ୍ଚ କହିଛନ୍ତି। ଏ ନେଇ ସରପଞ୍ଚଙ୍କ ନେତୃତ୍ୱରେ ଏକ ବୈଠକ ଡକାଯାଇ ମନ୍ଦିରର କିଭଳି ନୀତିକାନ୍ତି ହେବ ଆଲୋଚନା ହୋଇଥିଲା। ଏଥିଲାଗି ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

### ସଚିନଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ



**ଭୁବନେଶ୍ୱର, ୩।୨(ବ୍ୟୁରୋ):** ନି' ଷ୍ଟ୍ରାଇକର ତଥା ଗିନିଜ୍ ବୁକ୍ ଅଫ୍ ରେକର୍ଡଧାରୀ ସଚିନ ବେହେରାଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ପାଇଁ ସଚିନ ଗୌରବ ଆଣିଥିବାରୁ ତାଙ୍କୁ ମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୩୦ରେ ସଚିନ୍ ଆଣ୍ଠୁରେ ୫କେଜି ଏଙ୍କେଲ ୱେଟ୍ ବାନ୍ଧି ୩ ମିନିଟ୍‌ରେ ୨୦୪ ଥର ନିଷ୍ଟ୍ରାଇକ୍ କରିଥିଲେ। ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରଶିଦ୍‌ଙ୍କ ନାମରେ ଥିବା ଗିନିଜ୍ ବୁକ୍ ଅଫ୍ ରେକର୍ଡକୁ ଭାଙ୍ଗିବାକୁ ସେ ପ୍ରୟାସ କରିଛନ୍ତି। ମହମ୍ମଦ ୩ ମିନିଟ୍‌ରେ ୧୭୮ ଥର ନି' ଷ୍ଟ୍ରାଇକ କରିଥିବାବେଳେ ସଚିନ୍ ଏହି ସମୟରେ ୨୦୪ଥର ନିଷ୍ଟ୍ରାଇକ୍ କରିଛନ୍ତି। ଏହି କୃତିତ୍ୱ ପାଇଁ ସଚିନଙ୍କ ପାଖକୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି। ସଚିନ୍ ପୂର୍ବରୁ ୨୦୧୯ ନି' ଷ୍ଟ୍ରାଇକ କରି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ନିଜର ସ୍ଥାନ ହାସଲ କରିଛନ୍ତି।

# ଯନ୍ତ୍ରଣା ପଛରେ ପ୍ରେରଣା

**ଭୁବନେଶ୍ୱର, ୩।୨(ବ୍ୟୁରୋ):** କ୍ୟାନ୍‌ସର ନାଁ ଶୁଣିଲେ ମନରେ ଛନକା ପଶିଯାଏ। ଏହା ଏକ ଦୁରାରୋଗ୍ୟ ବ୍ୟାଧି ଓ କ୍ୟାନ୍‌ସର ହେଲେ ମୃତ୍ୟୁ ନିଶ୍ଚିତ ବୋଲି ଲୋକଙ୍କ ମନରେ ଧାରଣା ରହିଛି। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ। ଠିକ୍ ସମୟରେ ଚିକିତ୍ସା ଓ ଆବଶ୍ୟକୀୟ ଯତ୍ନ ନେଇପାରିଲେ ଜଣେ ରୋଗୀ ସୁସ୍ଥ ହୋଇପାରିବେ। ଶୁକ୍ରବାର ବିଶ୍ୱ କ୍ୟାନ୍‌ସର ଦିବସ ପାଳନ ହେବାକୁ ଥିବାବେଳେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'କ୍ଲୋଜ୍ ଦି କେୟାର ଗ୍ୟାପ୍'। ଏହି ରୋଗକୁ ହରାଇବାରେ ସମ୍ପୃକ୍ତ ରୋଗୀର ଯେତିକି ଅବଦାନ ଥାଏ, ତାହାଠାରୁ ଅଧିକ ତ୍ୟାଗ ଯତ୍ନ ନେଉଥିବା ବ୍ୟକ୍ତିଙ୍କର ରହିଥାଏ। ସେହିଭଳି କେତେଜଣ ବ୍ୟକ୍ତିଙ୍କ କାହାଣୀକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।

● କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ଶୁଭଶ୍ରୀ କବି। ବୟସ ମାତ୍ର ୧୩, କିନ୍ତୁ ଯନ୍ତ୍ରଣା ଅସହ୍ୟ। ସେ କ୍ୟାନ୍‌ସର ସହିତ ଲଢ଼ି ଚାଲିଛନ୍ତି। ତାଙ୍କର ୯ବର୍ଷ ବୟସ ବେଳେ ପେଟ କାଟିବା ଆରମ୍ଭ ହୋଇଥିଲା। ପ୍ରଥମେ ପରିବାର ଲୋକ ଏହାକୁ ହାଲୁକା ଭାବେ ନେଇଥିଲେ। ଧୀରେଧୀରେ ପେଟରେ ଟ୍ୟୁମର ହୋଇ ବଢ଼ିଚାଲିଲା। ହଠାତ୍ ଦିନେ ଶୁଭଶ୍ରୀଙ୍କର ପେଟ ଫୁଲିଥିବା ଦେଖି ମା' ସସ୍ମିତା ପାଖ ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ୨୦୧୭ ଫେବୃୟାରୀରେ ଅସ୍ତ୍ରୋପଚାର ପରେ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିଲା। ତେବେ ପେଟରେ କ୍ୟାନ୍‌ସର ପ୍ରଥମ ଷ୍ଟେଜ୍‌ରେ ଥିବା ଡାକ୍ତର କହିଥିଲେ। ଆର୍ଥିକ ଅବସ୍ଥା ଅସ୍ୱଚ୍ଛଳ ଯୋଗୁ ପରିବାର ଲୋକ ଶୁଭଶ୍ରୀଙ୍କର ଆୟୁର୍ବେଦ ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ଏହା ଶରୀରର ଅନ୍ୟ ଅଙ୍ଗକୁ ଆକ୍ରାନ୍ତ କଲା। ଫଳରେ ଶୁଭଶ୍ରୀଙ୍କର ଚାଲିବା, ବସିବା ପ୍ରଭୃତି କଷ୍ଟକର ହୋଇପଡ଼ିଲା। ଶେଷରେ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସା ଆରମ୍ଭ କରାଗଲା। ୩ବର୍ଷ ଚିକିତ୍ସା ପରେ ଧୀରେଧୀରେ ସେ ଚାଲିବା ଆରମ୍ଭ କରିଥିଲେ। ମାତ୍ର ପୁଣି ଏବେ ଚଲାବୁଲା କରି ପାରୁନାହାନ୍ତି। ଦୀର୍ଘ ୫ବର୍ଷର ଚିକିତ୍ସା ଭିତରେ ସସ୍ମିତା ଝିଅର ଯତ୍ନ ନେବା ସହିତ ତାଙ୍କୁ ମାନସିକ ଭାବେ ଦୃଢ଼ କରୁଛନ୍ତି।

●କ୍ରିଷ୍ଣାପ୍ରିୟା ପଣ୍ଡା, ବୟସ ମାତ୍ର ୭। ଜୀବନ କ'ଣ ଜାଣିବା ଆଗରୁ ହିଁ କ୍ୟାନ୍‌ସର ଭଳି ରୋଗର ଶିକାର ହୋଇସାରିଛନ୍ତି। ୫ବର୍ଷ ବୟସ ହୋଇଥିବାବେଳେ କ୍ରିଷ୍ଣାଙ୍କୁ ଜର ଲାଗିରହିଲା। ଯେତେ ଔଷଧ ଦେଲେ ମଧ ଭଲ ହେଲାନାହିଁ। ଶେଷରେ କଟକ ଏସ୍‌ସିବିରେ ଚିକିତ୍ସା ଆରମ୍ଭ ହେଲା। ଝିଅକୁ କ୍ୟାନ୍‌ସର ହୋଇଥିବା ଏବଂ ଏହା ତୃତୀୟ ଷ୍ଟେଜ୍‌ରେ ଥିବା ଜଣାପଡିଥିଲା। କେମୋ ଥେରାପି ଏବଂ ଅନ୍ୟାନ୍ୟ ଚିକିତ୍ସା ପରେ ଏବେ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି। ତୃତୀୟରୁ ଏବେ ଦ୍ୱିତୀୟ ଷ୍ଟେଜ୍‌କୁ ଆସିଛନ୍ତି କ୍ରିଷ୍ଣା। ତାଙ୍କ ବାପା ମାୟାଧର ପଣ୍ଡା ପୂଜା ପାଠ କରନ୍ତି। ତେବେ କ୍ରିଷ୍ଣାଙ୍କ ମା' ମୀରାବାଈ ଝିଅର ଯତ୍ନ ନେବା ସହ ସବୁ କଥା ବୁଝୁଛନ୍ତି। ତାଙ୍କର ପରିଶ୍ରମ ଓ ତ୍ୟାଗ ପାଇଁ କ୍ରିଷ୍ଣା ଏବେ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛି।

●କ୍ୟାନ୍‌ସରକୁ ହରାଇଛନ୍ତି ୫୮ବର୍ଷୀୟା ପ୍ରେମଲତା ସାହୁ। ୨୦୧୦ରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କୁ ସ୍ତନ କର୍କଟ ହୋଇଛି। ତେବେ ମାନସିକ ସ୍ତରରେ ଦୃଢ଼ ଥିବା ପ୍ରେମଲତା ଏହାକୁ ଏକ ଚ୍ୟାଲେଞ୍ଜ ଭଳି ନେଇଥିଲେ। ଭୁବନେଶ୍ୱରରେ ପରିବାର ସହ ରହୁଥିବାବେଳେ ସେ କେନ୍ଦ୍ରାପଡ଼ା ଆଳିରେ ଶିକ୍ଷକତା କରୁଥିଲେ। କ୍ୟାନ୍‌ସର ବିଷୟରେ ନିଜ ପୁଅ, ଝିଅଙ୍କୁ ଜଣାଇ ନ ଥିଲେ। ଚିକିତ୍ସା ପରେ ସେ ଏବେ ସୁସ୍ଥ ଜୀବନଯାପନ କରୁଛନ୍ତି। କେବଳ ସେତିକି ନୁହେଁ ସେ ତାଙ୍କର ଏକ କିଡ୍‌ନୀ ପୁଅକୁ ଦେଇଛନ୍ତି।

●କ୍ରିୟା ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଲି ଜେନାମଣି କହିଛନ୍ତି, ତାଙ୍କ ଶ୍ୱଶୁରଙ୍କର କ୍ୟାନ୍‌ସର ହୋଇଥିଲା। ପେଟ ଫୁଲିଯାଉଥିବାରୁ ସମସ୍ତେ ଏହାକୁ ଗ୍ୟାଷ୍ଟ୍ରିକ୍ ବୋଲି କହୁଥିଲେ। ପରେ ଏହା କ୍ୟାନ୍‌ସର ଲକ୍ଷଣ ବୋଲି ଜାଣିଲୁ। ଏହାର ୧ମାସ ପରେ ତାଙ୍କୁ ହରାଇଲୁ। ଏହାପରେ କ୍ୟାନ୍‌ସରକୁ ନେଇ ସଚେତନତା ସୃଷ୍ଟି କରିବାକୁ ଆରମ୍ଭ କଲି। ଏବେ ବି ଏନେଇ ଲୋକଙ୍କ ମଧ୍ୟରେ ସଂକୋଚବୋଧ ରହୁଛି। ଚଳିତ ବର୍ଷର ଥିମ୍‌କୁ ପ୍ରମାଣିତ କରିବାକୁ ହେଲେ କ୍ୟାନ୍‌ସର ଏକ ଦୁରାରୋଗ୍ୟ ବ୍ୟାଧି ନୁହେଁ ବୋଲି ସଚେତନତା ସୃଷ୍ଟି କରିବାକୁ ପଡ଼ିବ।

### ପ୍ରାରମ୍ଭିକ ଅବସ୍ଥାରେ ରୋଗ ନିରୂପଣ ଜରୁରୀ

"ଆଗ ଅପେକ୍ଷା କ୍ୟାନ୍‌ସରକୁ ନେଇ ଲୋକଙ୍କ ମନରେ ଭୟ କମିଛି। ମୁଖଗହ୍ୱର କର୍କଟ, ସ୍ତନ କର୍କଟ, ଅନ୍ତଃନଳୀ, ପାକସ୍ଥଳୀ କର୍କଟ ଆଦିର ପ୍ରଥମ କିମ୍ବା ଦ୍ୱିତୀୟ ଅବସ୍ଥାରେ ରୋଗ ନିରୂପଣ ହୋଇ ପାରିଲେ ରୋଗୀମାନେ ଆରୋଗ୍ୟ ହୋଇ ପାରୁଛନ୍ତି। ବହୁ କ୍ୟାନ୍‌ସର ରୋଗୀ ସୁସ୍ଥ ହୋଇ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ପାରିଛନ୍ତି। ବିଶ୍ୱ କ୍ୟାନ୍‌ସର ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ଏ ନେଇ ସଚେତନତା ବୃଦ୍ଧି କରିବା। ପ୍ରାଥମିକ ସ୍ତରରୁ ଡାକ୍ତରଙ୍କୁ ଦେଖାଇଲେ ରୋଗକୁ ଚିହ୍ନଟ କରି ଚିକିତ୍ସା କରାଯାଇ ପାରିବ।

**-ପ୍ରଫେସର ଡା. ଦୀପ୍ତିରାଣୀ ସାମନ୍ତ, ମେଡିକାଲ ଅଙ୍କୋଲୋଜି ବିଭାଗ, ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲ**

### ବ୍ୟାପକ ସଚେତନତା ଆବଶ୍ୟକ

"ଭାରତ ବର୍ଷରେ ସବୁଠାରୁ ବେଶୀ ମୁଖ ଗହ୍ୱର କର୍କଟ ହେଉଛି। ଏହାର ପ୍ରମୁଖ କାରଣ ତମାଖୁ ସେବନ। ତମାଖୁକୁ ନିୟନ୍ତ୍ରଣ କରିପାରିଲେ ଆମେ ଅନେକାଂଶରେ କ୍ୟାନ୍‌ସରକୁ ନିୟନ୍ତ୍ରଣ କରିପାରିବା। ଏ ନେଇ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ସେହିପରି ମହିଳାଙ୍କ ମଧ୍ୟରେ ଜରାୟୁ ଓ ସ୍ତନ କର୍କଟ ଅଧିକ ଦେଖା ଯାଉଥିବାବେଳେ ଏନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହେବା ଦରକାର।

**-ଡ. ମହମ୍ମଦ ଇମ୍ରାନ ଅଲ୍ଲୀ, ସଲାମ ଜୀବନ, ପରିଚାଳନା ନିର୍ଦ୍ଦେଶକ**

# ଟଙ୍କା ପାଇଁ ସାଙ୍ଗ ସାଜିଥିଲେ ଅପହର୍ତ୍ତା

### ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ କରି ମୁଣ୍ଡଜାମିନ ଘଟଣା

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଝାରପଡ଼ା ଅଞ୍ଚଳର ଇଶାନ ଅଗ୍ରୱାଲଙ୍କୁ ଅପହରଣ କରି ୩୦ଲକ୍ଷ ଟଙ୍କାରେ ମୁଣ୍ଡଜାମିନ ଘଟଣାରେ କମିଶନରେଟ ପୋଲିସ ନୂଆ ତଥ୍ୟ ଉନ୍ମୋଚନ କରିଛି। ଟଙ୍କା ପାଇଁ ଇଶାନଙ୍କ ସାଙ୍ଗ ଅଭିଯୁକ୍ତ ଧନେଶ୍ୱର ପାତ୍ର ହିଁ ଅପହରଣର ମାଷ୍ଟର ମାଇଣ୍ଡ ଥିଲେ ବୋଲି ଡିସିପି ଉମାଶଙ୍କର ଦାଶ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍କୁଲ୍ ପରୀକ୍ଷା ସମୟରେ ଇଶାନଙ୍କ ସହ ଧନେଶ୍ୱର ପରିଚିତ ହୋଇଥିଲେ। ସେବେଠାରୁ ଇଶାନ ଧନେଶ୍ୱରଙ୍କ ସହ ଫୋନ୍‌ରେ ମଧ କଥା ହେଉଥିଲେ। ଇଶାନଙ୍କ ବାପା ରାମରୂପ ଅଗ୍ରୱାଲ ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ଟଙ୍କା ପାଇଁ ଧନେଶ୍ୱର ତାଙ୍କର ଅନ୍ୟ ସହଯୋଗୀଙ୍କ ସହ ମିଶି ଏହି ଅପହରଣ କରାଇଥିଲେ।

### ଡେମୋ ଦେଖାଇବା ପରେ ଜେଲ୍ ଗଲେ ୪ ଅଭିଯୁକ୍ତ

ଝାରପଡ଼ାର ଯେଉଁ ଓମ୍‌ଫେଡ୍ ଷ୍ଟଲ ନିକଟରୁ ଇଶାନଙ୍କୁ ଅପହରଣ କରାଯାଇଥିଲା ଗୁରୁବାର ପୂର୍ବାହ୍ନରେ ପୋଲିସ ସେହି ସ୍ଥାନକୁ ଅଭିଯୁକ୍ତମାନଙ୍କୁ ନେଇ ଡେମୋ କରାଇଥିଲା। ଅଭିଯୁକ୍ତମାନେ କିପରି ଇଶାନଙ୍କୁ ଅପହରଣ କରିଥିଲେ ଗୋଟି ଗୋଟି କରି ସେହିଦିନର କାହାଣୀ ବର୍ଣ୍ଣନା କରିଥିଲେ। ଏହାପରେ ପୋଲିସ ଧନେଶ୍ୱରଙ୍କ ସମେତ ଅନ୍ୟ ଅଭିଯୁକ୍ତ ରାମ କ୍ରିଷ୍ଣା, ସନ୍ତୋଷ କୁମାର ରାଉତ ଓ ଏମ୍‌ଡି ମୁସ୍ତାକ ଅଲ୍ଲୀଙ୍କୁ କୋର୍ଟ ଚାଲାଣ କରିଥିଲା। କୋର୍ଟ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅଧିକ ତଦନ୍ତ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ୭ଦିନ ରିମାଣ୍ଡରେ ଆଣିବାକୁ ଆବେଦନ ମଧ କରିଛି।

ସୋମବାର ସନ୍ଧ୍ୟାରେ ଇଶାନ ଚା' ପିଇବାକୁ ଯାଇଥିବାବେଳେ ଅପହର୍ତ୍ତାମାନେ ତାଙ୍କୁ ଅପହରଣ କରି ନେଇଯାଇଥିଲେ। ଏହାପରେ ସେମାନେ ଇଶାନଙ୍କ ମୋବାଇଲରୁ ବାପା ରାମରୂପଙ୍କୁ ଫୋନ କରିବା ସହ ବେକରେ ଛୁରି ଲଗାଇ ଫଟୋ ହ୍ୱାଟ୍ସଆପ୍‌କୁ ପଠାଇଥିଲେ। ୩୦ଲକ୍ଷ ଟଙ୍କା ଦେଲେ ଇଶାନଙ୍କୁ ଛଡ଼ାଯିବ ବୋଲି ସେମାନେ ଧମକ ଦେଇଥିଲେ। ରାମରୂପ ଥାନାରେ ଅଭିଯୋଗ କରିବା ପରେ ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ତୁରନ୍ତ ୪ଟି ଟିମ୍ ରାମରୂପଙ୍କୁ ସାଙ୍ଗରେ ଧରି ଅପରେଶନ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଖୋଜି ଖୋଜି ପୋଲିସ ପ୍ରାୟ ୭୦୦ କି.ମି. ବୁଲିଥିଲା। ୩୬ ଘଣ୍ଟାପରେ ମଙ୍ଗଳବାର ରାତି ପ୍ରାୟ ୧୧ଟାବେଳେ ନୟାଗଡ଼ ଜିଲା ସୁନାଖଳା ଜଙ୍ଗଲ ନିକଟରେ ପୋଲିସ ଟିମ୍ ଚଢ଼ାଉ କରି ଅପହର୍ତ୍ତାଙ୍କୁ କାବୁ କରିବା ସହ ଇଶାନଙ୍କୁ ଉଦ୍ଧାର କରିଥିଲା।



ଘଟଣାସ୍ଥଳରେ ଅଭିଯୁକ୍ତମାନେ ଡେମୋ ଦେଖାଉଛନ୍ତି।

## ପ୍ରତ୍ୟେକଙ୍କ ନିକଟରେ ଅହିଂସା,ନିଶାମୁକ୍ତିର ସନ୍ଦେଶ ପହଞ୍ଚିବ

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ଅହିଂସା ଯାତ୍ରାର ମହତ୍ତ୍ୱ ଓ ସନ୍ଦେଶ ଜୈନ ତେରାପନ୍ଥ ଧର୍ମସଂଘର ଯୁଗପ୍ରଧାନ ମହାତପସ୍ୱୀ ଆଚାର୍ଯ୍ୟ ମହାଶ୍ରମଣଜୀ ସମ୍ପ୍ରତି ନିଜର ଅହିଂସା ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଗୁରୁବାର ଭୁବନେଶ୍ୱର ତେରାପନ୍ଥ ଭବନଠାରେ ଅହିଂସା ଓ ଆଧ୍ୟାତ୍ମିକର ବାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଟି ପୁସ୍ତକ ଉନ୍ମୋଚନ କରାଯାଇଛି। ଆଚାର୍ଯ୍ୟ ମହାଶ୍ରମଣଜୀ ଉତ୍ତରପ୍ରଦେଶ, ନେପାଳ, ଭୁଟାନ, ଆସାମ, ପଶ୍ଚିମବଙ୍ଗ, ରାଜସ୍ଥାନ ଯାତ୍ରା କରୁଛନ୍ତି। ସେ ୨୦୧୮ରେ ଦିଲ୍ଲୀର ଲାଲକିଲ୍ଲାଠାରୁ ବାହାରି ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଅତିକ୍ରମ କରି ସମ୍ପ୍ରତି ରାଜସ୍ଥାନରେ ପଦଯାତ୍ରା ଜାରି ରଖିଛନ୍ତି। ଏହି ଅହିଂସା ଯାତ୍ରାର ସମାପନ ଉତ୍ସବ ଦିଲ୍ଲୀରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରାର ଉଦ୍ଦେଶ୍ୟ ହେଉଛି ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଅହିଂସା, ସଦ୍‌ଭାବନା ତଥା ନିଶା-ମୁକ୍ତିର ସନ୍ଦେଶ ପହଞ୍ଚାଇବା। ଆଗାମୀ ୫, ୬ ଓ ୭ ତାରିଖରେ ରାଜସ୍ଥାନର ବିଦାସରଠାରେ ତେରାପନ୍ଥ ଧର୍ମସଂଘର କୁମ୍ଭ ମର୍ଯ୍ୟାଦା ମହୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଭୁବନେଶ୍ୱର ତେରାପନ୍ଥ ଭବନରେ ୭ତାରିଖ ପ୍ରାତଃ ୯ଟାରେ ମହାଶ୍ରମଣଜୀଙ୍କ ଶିଷ୍ୟ ଜିନେଶ କୁମାରଜୀ, ମୁନି ପରମାନନ୍ଦଜୀ ତଥା ମୁନି କୁନାଲ କୁମାରଜୀଙ୍କ ସାନ୍ନିଧ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରଯିବ।




ମୁନିଶ୍ରୀ ଜିନେଶ କୁମାରଜୀ।

# ଦଳିତ ଆଦିବାସୀଙ୍କ ପାଇଁ ବଜେଟ ନୈରାଶ୍ୟଜନକ

**ଭୁବନେଶ୍ୱର, ୩।୨(ବ୍ୟୁରୋ):** ଦେଶର ପ୍ରାୟ ୩୫କୋଟି ଦଳିତ ଆଦିବାସୀଙ୍କ ପାଇଁ ଚଳିତବର୍ଷର କେନ୍ଦ୍ରୀୟ ବଜେଟ୍ ନୈରାଶ୍ୟଜନକ ବୋଲି ଆମ୍ବେଡକର ଲୋହିଆ ବିଚାରମଞ୍ଚ କହିଛି। ଗୁରୁବାର ବୁଦ୍ଧମନ୍ଦିରଠାରେ ସଭାପତି ସଂଗ୍ରାମ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ 'ଏନ୍‌ସିଡ଼ିଏଚ୍‌ଆର ଓ ଦଳିତ ଆର୍ଥିକ ଅଧିକାର ଆନ୍ଦୋଳନ' ପକ୍ଷରୁ କରାଯାଇଥିବା 'ଦଳିତ ଆଦିବାସୀ ବଜେଟ ବିଶ୍ଳେଷଣ ରିପୋର୍ଟ-୨୦୨୨' ଲୋକାର୍ପଣ କରାଯାଇଥିଲା। ପ୍ରାଥମିକସ୍ତରରେ ମୋଟ ସରକାରୀ ଖର୍ଚ୍ଚ ୩୯.୪୪ ଲକ୍ଷ କୋଟି ଟଙ୍କା ଦର୍ଶାଯାଇଥିଲା ବେଳେ ବିଭିନ୍ନ ପବ୍ଲିକ ଏଣ୍ଟରପ୍ରାଇଜରେ ୪.୬୯ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ସାମଗ୍ରିକ ଭାବରେ ଦଳିତ ଆଦିବାସୀ ବଜେଟ ଗତବର୍ଷ ତୁଳନାରେ ମୋଟ ୨୫,୪୦୬ କୋଟି ଟଙ୍କା ବୃଦ୍ଧି ଘଟିଥିଲାବେଳେ ବ୍ୟୟ ବରାଦ କରାଯାଇଥିବା ଅର୍ଥର ୬୨% ଓ ୫୧% ଅର୍ଥ ଯଥାକ୍ରମେ ଏସ୍.ସି. ଓ ଏସ୍.ଟିମାନଙ୍କର ସିଧାସଳଖ ବିକାଶ ପାଇଁ ଉପଯୋଗୀ ନ ହୋଇ ସାଧାରଣ ସ୍କିମ୍‌ଗୁଡ଼ିକରେ ବିନିଯୋଗ ହେବାର ପ୍ରସ୍ତାବ ଏହି ଦୁଇବର୍ଗ ମଧ୍ୟରେ ନିରାଶା ସୃଷ୍ଟି କରିଛି ବୋଲି ବିଚାରମଞ୍ଚ ପକ୍ଷରୁ କୁହାଯାଇଛି।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଓ୍ୱାକର



@ ଶାଶ୍ୱତ



@ ଗୁନା



@ ବିନୋଦ



@ ପୁରୁଷୋତ୍ତମ



@ ପପୁ

# ଲିଫ୍ଟ ଦେବା ଆଳରେ ନିଶା ଦେଇ ଲୁଟ୍

**ଭୁବନେଶ୍ୱର,୩।୨(ବ୍ୟୁରୋ)**

ବେଙ୍ଗାଲୁରୁରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିବା ଜଣେ ଯୁବକଙ୍କୁ ପ୍ରଥମେ ଲିଫ୍ଟ ଦେଲେ। ପରେ ତାଙ୍କୁ ନିଶା ପାନୀୟ ପିଆଇ ଲୁଟିବା ସହ ରାସ୍ତା ପାର୍ଶ୍ୱରେ ଫୋପାଡ଼ି ଚାଲିଗଲେ। ଶହୀଦନଗର ଥାନାରେ ଗୁରୁବାର ଏଭଳି ଅଭିଯୋଗ ଆଣିଛନ୍ତି ଲୁଟ୍‌ର ଶିକାର ହୋଇଥିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବୀରେନ ପରିଡ଼ା। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବୀରେନ୍ ସୋମବାର ବିଳମ୍ବିତ ରାତିରେ ପ୍ରଶାନ୍ତି ଏକ୍ସପ୍ରେସରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳ ୭ଟାରେ ଗାଁକୁ ଯିବାକୁ ବାଣୀବିହାର ନିକଟରେ ବସକୁ ଅପେକ୍ଷା କରିଥିବା ବେଳେ ଜଣେ ବ୍ୟକ୍ତି ବୀରେନ୍‌ଙ୍କୁ କାରରେ ଲିଫ୍ଟ ଦେଇଥିଲେ। ଉକ୍ତ କାର୍‌ରେ ଆଉ ୩ଜଣ ଥିଲେ। କାର୍ କଟକ ମହାନଦୀ ଅତିକ୍ରମ କରିବା ପରେ ଏକ ସ୍ଥାନରେ ଗାଡ଼ିକୁ ରଖି ସେମାନେ ଅମୂଲ୍ କୁଲ୍‌ରେ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେଇଥିଲେ। କିଛି ସମୟ ପରେ ବୀରେନ୍ ଅଚେତ୍ ହୋଇଯାଇଥିଲେ। ପରେ ସେମାନେ ମିଶି ବୀରେନଙ୍କ ପାଖରୁ ୭୫ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇ ରାସ୍ତାକଡ଼ରେ ଫୋପାଡ଼ି ଦେଇ ପଳାଇ ଯାଇଥିଲେ।




କେନ୍ଦ୍ର ବଜେଟ୍‌କୁ ଜନବିରୋଧୀ ଓ ମହିଳା ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର କରାଯିବା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଦିନକ ପରେ ସରସ୍ୱତୀ ପୂଜା: ଗୁରୁବାର ଭୁବନେଶ୍ୱର ୟୁନିଟ୍-୧ ହାଟରେ ବିକ୍ରି ପାଇଁ ରଖାଯାଇଥିବା ସରସ୍ୱତୀ ମୂର୍ତ୍ତିଗୁଡ଼ିକୁ ଦୁଇଜଣ ଛାତ୍ରୀ ଦେଖୁଛନ୍ତି।



ଖୋର୍ଦ୍ଧା ଜିଲା ଟାଙ୍ଗୀସ୍ଥିତ ବଡପୋଖରିଆରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ପୁରୀ ଜିଲା କଣାସ ବ୍ଲକର ଶିରୁଳୀସ୍ଥିତ ମହାବୀର ହନୁମାନଙ୍କ ଗଦା ଓ ଜ୍ୟୋତି ଶଗଡରେ ନିଆଯାଉଛି ।

# ନିଖୋଜ ସମିତିସଭ୍ୟ ପ୍ରାର୍ଥୀ ଉଦ୍ଧାର

- ରାଜନୈତିକ ଶତ୍ରୁତାରୁ ଅପହରଣ ସନ୍ଦେହ
- ୪ ଅଟକଙ୍କୁ ପଚରାଉଚରା ଜାରି


ସୁବ୍ରତ ବେହେରା

ଢେଙ୍କାନାଳ ଅଫିସ, ୩।୨

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆଗାଁ ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ସୁବ୍ରତ ବେହେରା (୨୩)ଙ୍କ ସନ୍ଧାନ ମିଳିଛି। ନିଖୋଜର ଦୁଇଦିନ ପରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରୁ ପୋଲିସ ତାଙ୍କୁ ଉଦ୍ଧାର କରିଛି। ରାଜନୈତିକ ଶତ୍ରୁତାରୁ ସୁବ୍ରତଙ୍କୁ ଅପହରଣ କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିବାବେଳେ ପୋଲିସ ସନ୍ଦେହରେ ୪ଜଣଙ୍କୁ ଅଟକ ରଖିଛି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.ଙ୍କ ଉପସ୍ଥିତିରେ ଖାରଗାଡ଼ିଆ ଫାଣ୍ଡିରେ ସୁବ୍ରତଙ୍କୁ ପଚରାଉଚୁରା କରାଯାଉଛି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହେବା ପରେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

ରାଜନୈତିକ ଶତ୍ରୁତାରୁ ପୁଅକୁ ଅପହରଣ କରାଯାଇଥିବା ସୁବ୍ରତଙ୍କ ବାପା ଟିବୁ ବେହେରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଅପହରଣକାରୀମାନେ ଗୁରୁବାର ଅପରାହ୍ନରେ ସୁବ୍ରତଙ୍କୁ କଟକ ଜିଲା ଆଠଗଡ଼ରେ ଛାଡ଼ି ଦେଇଥିଲେ। ସେଠାରୁ ସେ କୌଣସି ମତେ ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଛକକୁ ଆସିଥିଲେ। ସେଠାରୁ ଜଣେ ବ୍ୟକ୍ତିଙ୍କ ମୋବାଇଲରୁ ବାପାଙ୍କୁ ଫୋନ କରିଥିଲେ। ସେହି ସମୟରେ କଣ୍ଟାବଣିଆ ଥାନାରେ ଉପସ୍ଥିତ ଥିବା ଟିବୁ ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଥିଲେ। ଭାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁବ୍ରତଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପଟେ ସୁବ୍ରତ ଅପହରଣ ପଛରେ କି ରହସ୍ୟ ଅଛି ଏବଂ ତାଙ୍କୁ କାହିଁକି ଅପହରଣ କରାଯାଇଥିଲା ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ଏଥିରେ କେବଳ ରାଜନୈତିକ ଚକ୍ରାନ୍ତ ଅଛି ନା ଏହାର ଖିଅ ବ୍ୟକ୍ତିଗତ ଶତ୍ରୁତା ଯାଏ ଲମ୍ବିଛି, ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

# ନିଜକୁ ଉଡ଼ାଇଲେ ଆଇଏସ୍ ମୁଖ୍ୟ

## ଆତ୍ମଘାତୀ ବିସ୍ଫୋରଣରେ ପରିବାର ନିପାତ


ସିରିଆର ଇଦ୍‌ଲିବ୍‌ରେ ଆତ୍ମଘାତୀ ବିସ୍ଫୋରଣରେ ଧ୍ୱସ୍ତବିଧ୍ୱସ୍ତ କୁରେଶୀଙ୍କ ଘର।



### ବାଗ୍‌ଦାଦିଙ୍କ ଦଶା ଭୋଗିଲେ କୁରେଶୀ

ଆଟ୍‌ମେ,୩।୨

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପ୍ରତିଷ୍ଠାତା ଅବୁ ବକର୍ ଅଲ୍-ବାଗ୍‌ଦାଦିଙ୍କ ଭଳି ସମାନ ଦଶା ଭୋଗିଛନ୍ତି ତାଙ୍କ ଉତ୍ତରାଧିକାରୀ ଅବୁ ଇବ୍ରାହିମ୍ ଅଲ୍-ହାଶିମି ଅଲ୍-କୁରେଶୀ। ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ କୁରେଶୀ ସିରିଆରେ ଆମେରିକୀୟ ସୈନ୍ୟଙ୍କ ଅପରେଶନ୍ ବେଳେ ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡ଼ାଇଦେଇଛନ୍ତି। ଏଥିରେ ତାଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରାଣ ହରାଇଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ସୂଚନା ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି, ସିରିଆର ଉତ୍ତର ପଶ୍ଚିମାଞ୍ଚଳ ଇଦ୍‌ଲିବ୍‌ରେ ବୁଧବାର ରାତିରେ ଆମେରିକାର ସ୍ୱତନ୍ତ୍ର ବଳ କୁରେଶୀଙ୍କୁ ଧରିବା ପାଇଁ ଅପରେଶନ୍ ଚଳାଇଥିଲେ। ଅଭିଯାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବାବେଳେ ସେ ଆତ୍ମସମର୍ପଣ କରି ନ୍ୟାୟକୁ ସାମ୍ନା କରିବା ପରିବର୍ତ୍ତେ ଭୀରୁଙ୍କ ଭଳି ଆତ୍ମହତ୍ୟା କରିଛନ୍ତି। କୁରେଶୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ତାଙ୍କ ପରିବାର ଅନ୍ୟ ସଦସ୍ୟମାନେ ମଧ୍ୟ ନିହତ ହୋଇଛନ୍ତି। ଏହି ସିରିଆ ଅପରେଶନ୍ ସାରା ବିଶ୍ୱର ଆତଙ୍କବାଦୀମାନଙ୍କୁ ଗୋଟିଏ ସନ୍ଦେଶ ଦେଇଛି। ତାହା ହେଉଛି, ଆମେ ଯେମିତି ବି ହେଉ ତୁମକୁ ଖୋଜି ବାହାର କରିବୁ। ଆମେରିକୀୟମାନଙ୍କୁ ଆତଙ୍କବାଦୀଙ୍କ କବଳରୁ ରକ୍ଷା କରିବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ଯାଇ ଯାହା ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଦରକାର ସେସବୁ କରାଯିବ ବୋଲି ବାଇଡେନ୍ ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ଆହୁରି କହିଛନ୍ତି, ସାଧାରଣ ନାଗରିକଙ୍କ ଜୀବନ ହାନି ନ ଘଟିବା ସୁନିଶ୍ଚିତ କରିବା ଲାଗି ଏୟାର ଷ୍ଟ୍ରାଇକ୍ ପରିବର୍ତ୍ତେ ସ୍ପେଶାଲ ଫୋର୍ସେସ୍ ରେଡ୍ କରାଯାଇଥିଲା। ପ୍ରକାଶ ଯେ, ୨୦୧୯ରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅମଳରେ ଏକ ଅନୁରୂପ ଅପରେଶନ ବେଳେ ତତ୍କାଳୀନ ଆଇଏସ୍ ମୁଖ୍ୟ ବାଗ୍‌ଦାଦି ନିଜକୁ ଉଡ଼ାଇଦେଇଥିଲେ। ସେତେବେଳେ ଟ୍ରମ୍ପ କହିଥିଲେ, ଆଇଏସ୍ ନେତା କୁକୁର ଭଳି ଆତ୍ମହତ୍ୟା କରିଛନ୍ତି।

# ପିଏମ୍‌ଏୱାଇରେ ୬ ଲକ୍ଷ ପରିବାରକୁ ସାମିଲ କରିବାକୁ ବିଜେଡିର ଦାବି

ନୂଆଦିଲ୍ଲୀ,୩।୨

ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ପୋର୍ଟାଲ ଖୋଲିବା ସହ ରାଜ୍ୟର ୬ ଲକ୍ଷ ଯୋଗ୍ୟ ପରିବାରକୁ ଏଥିରେ ସାମିଲ କରିବା ଲାଗି ଗୁରୁବାର ରାଜ୍ୟ ସଭାରେ ବିଜେଡି ପକ୍ଷରୁ ଦାବି ହୋଇଛି। ଶୂନ୍ୟ କାଳରେ ବିଜେଡି ଏମ୍‌ପି ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ସୁଜିତ କୁମାର ପିଏମ୍‌ଏୱାଇ ପ୍ରସଙ୍ଗ ଉଠାଇ ରାଜ୍ୟ ପ୍ରତି ପକ୍ଷପାତ ବିହୀନ ମନୋଭାବ ପ୍ରଦର୍ଶନ କରିବା ଲାଗି ଆହ୍ୱାନ ଦେଇଛନ୍ତି। ପିଏମ୍‌ଏୱାଇରେ ୬ ଲକ୍ଷ ପରିବାରକୁ ସାମିଲ କରିବା ଲାଗି ଆବାସ ପୋର୍ଟାଲ ଖୋଲିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ୩ ଥର ପତ୍ର ଲେଖିଛନ୍ତି। ହେଲେ ଏପର୍ଯ୍ୟନ୍ତ ପୋର୍ଟାଲ ଖୋଲାଗଲା ନାହିଁ ବୋଲି ସସ୍ମିତ କହିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡ଼ିଶା ଜନସଂଖ୍ୟାର ୯.୨୦ ପ୍ରତିଶତ ଅନୁସୂଚିତ ଜନଜାତି। ଆବାସ ପୋର୍ଟାଲରେ ୬.୬୫ ଲକ୍ଷ ଘର ସାମିଲ କରିବାକୁ ମନା କରାଯିବା ଦ୍ୱାରା ଆଦିବାସୀମାନେ ପ୍ରଭାବିତ ହୋଇଥିବା ବିଜେଡି ଏମ୍‌ପି ଅମର ପଟ୍ଟନାୟକ କହିଛନ୍ତି।

# ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ: ବିଜେଡି

ନୂଆଦିଲ୍ଲୀ,୩।୨

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଳ୍ପ କେତେକ ରାଜ୍ୟର ବିକାଶ ପାଇଁ ଚିନ୍ତା କରୁଥିବାବେଳେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଦେଖାଉଥିବା ବିଜେଡି ଅଭିଯୋଗ କରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଡ. ବି.ଆର୍. ଆମ୍ବେଦ୍‌କରଙ୍କ ସ୍ୱାଧୀନତା, ସମାନତା ଓ ଭ୍ରାତୃଭାବ ଆଧାରିତ ସମାଜ ଉକ୍ତିକୁ ଉଦ୍ଧାର କରି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଥିଲେ, ଏହା ଦୁର୍ଭାଗ୍ୟର ବିଷୟ ଯେ ଦେଶର ସଙ୍ଘୀୟ ଢାଞ୍ଚା ଏବେ ବିଲୁପ୍ତିର ଦ୍ୱାରଦେଶରେ। ସବୁ ରାଜ୍ୟ ସମାନ। ସମସ୍ତେ ସମାନ ସୁଯୋଗ ପାଇବାକୁ ହକ୍‌ଦାର। ହେଲେ ଆଜି ଏହା ବାସ୍ତବତାଠାରୁ ବହୁ ଦୂରରେ। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ସବ୍‌କା ସାଥ୍ ସବ୍‌କା ବିକାଶ ଓ ସବ୍‌କା ପ୍ରୟାସ କଥା କହିଥିଲେ। ହେଲେ କେନ୍ଦ୍ର ସରକାର ସବ୍‌କା ବିକାଶ ପାଇଁ ଚିନ୍ତିତ ନୁହନ୍ତି ବୋଲି ବିଜେଡି ଏମ୍‌ପି କହିଛନ୍ତି।

# ଏଆଇପିଏନ୍‌ବିଓଏ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ




ଭୁବନେଶ୍ୱର,୩।୨

ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ନିକଟରେ ନୟାପଲ୍ଲୀର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ଅରବିନ୍ଦ ଶତପଥୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସଂଘ ଦ୍ୱାରା ପ୍ରସ୍ତୁତ ହୋଇଥିବା ବ୍ୟାଙ୍କର ପରିଚାଳନା ନିୟମାବଳୀ ବୁକ୍‌ଲେଟ୍‌କୁ ଆଞ୍ଚଳିକ ମହାପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ ଏବଂ ମହାପ୍ରବନ୍ଧକ ମୁକ୍ତିରଞ୍ଜନ ରାୟ ଉନ୍ମୋଚନ କରିଥିଲେ। ଉଭୟ ମହାପ୍ରବନ୍ଧକ ଅଧିକାରୀ ସଦସ୍ୟମାନଙ୍କୁ ସଂଘର ପ୍ରଚେଷ୍ଟା ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ଜୋନ୍‌ରେ ବ୍ୟାଙ୍କର ଦୃଢ଼ ଅଭିବୃଦ୍ଧି ଏବଂ ଅଧିକାରୀମାନଙ୍କ ସହ ଉତ୍ତମ ସମ୍ପର୍କ ବଜାୟ ରଖିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଓଡ଼ିଶାର ସହାୟକ ସାଧାରଣ ସମ୍ପାଦକ ବୈଲୋଚନ ସାହୁ ଭବିଷ୍ୟତରେ ସଂଘ ଦ୍ୱାରା ଏହିପରି ଅଧିକ ବୁକ୍‌ଲେଟ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ବୈଠକରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ସମସ୍ତ ଉପମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ଏବଂ କଟକର ସର୍କଲ ମୁଖ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହା ବ୍ୟତୀତ ସମସ୍ତ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ବ୍ୟାଙ୍କର ମିଶ୍ରଣ ପରେ ସଂଘ ପକ୍ଷରୁ ପ୍ରଥମ ଥର ପାଇଁ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ବିକାଶ ସାମନ୍ତରାୟ ଉପସ୍ଥିତ ସଦସ୍ୟ ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମାଗିଥିଲେ ପୁରୀ-ଡାଲ୍‌ମା, ମିଳିଲା ବୁନ୍ଦି-ରସଗୋଲା'

## ରାଜ୍ୟ ସରକାରଙ୍କୁ ଭାଜପାର କଟାକ୍ଷ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରେଳ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ଚଳିତ ବଜେଟରେ ୯,୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହା ସର୍ବକାଳୀନ ସର୍ବାଧିକ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଅତୀତରେ କଂଗ୍ରେସ ସରକାର ସମୟରେ ଓଡ଼ିଶା ଅବହେଳିତ ହୋଇରହିଥିଲା। ପୂର୍ବୋଦୟ ବିକାଶକୁ ପ୍ରାଧାନ୍ୟ ଦେଇ ଚଳିତ ବଜେଟରେ ଓଡ଼ିଶାର ରେଲୱେ ବିକାଶକୁ ମୋଦି ସରକାର ଅଗ୍ରାଧିକାର ଦେଇଛନ୍ତି। ଗତ ୭ବର୍ଷ ଭିତରେ ପୁରାତନ ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ବହୁ ନୂତନ ପ୍ରକଳ୍ପ ଆରମ୍ଭ ହୋଇଛି। ରେଳସେବାରୁ ବଞ୍ଚିତ ଜିଲାରେ ରେଳ ସଂଯୋଗ ହେବାକୁ ଯାଉଛି। ଓଡ଼ିଶା ସରକାର ୭,୬୦୦ କୋଟି ଟଙ୍କା ଦାବି କରିଥିବାବେଳେ କେନ୍ଦ୍ର ୯,୭୩୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହା ୨୮% ଅଧିକ। ଓଡ଼ିଶା ସରକାର ପୁରୀ-ଡାଲ୍‌ମା ମାଗିଥିଲେ, ହେଲେ କେନ୍ଦ୍ର ସରକାର ବୁନ୍ଦି-ରସଗୋଲା ଦେଇଛନ୍ତି ବୋଲି ସମୀର କଟାକ୍ଷ କରିଛନ୍ତି। ରେଲୱେ ବିକାଶରେ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା ସାଜିଥିବାବେଳେ ଏହାର ସମାଧାନ ଲାଗି ରାଜ୍ୟ ସରକାର ଆଗେଇ ଆସିବାକୁ ସମୀର ଆହ୍ୱାନ ଦେଇଛନ୍ତି।

## ଦାନ ନୁହେଁ ରାଜ୍ୟର ହକ୍: ସପା

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରେଳ ବଜେଟରେ ଓଡ଼ିଶାକୁ ମିଳିଥିବା ଅନୁଦାନ ପ୍ରଧାନମନ୍ତ୍ରୀଙ୍କ ଦୟା କି ଅନୁକମ୍ପା ନୁହେଁ, ବରଂ ଏହା ରାଜ୍ୟର ହକ୍ ବୋଲି କହିଛନ୍ତି ସମାଜବାଦୀ ପାର୍ଟି (ସପା)ର ରାଜ୍ୟ ସଭାପତି ରବି ବେହେରା। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ରେଳ ମନ୍ତ୍ରଣାଳୟ ଓଡ଼ିଶାରୁ ବାର୍ଷିକ ୨୦ରୁ ୨୫ ହଜାର କୋଟି ଟଙ୍କାର ରାଜସ୍ୱ ପାଉଛି। ହେଲେ ଏନ୍‌ଡିଏ ଶାସନ ସମୟରେ ଓଡ଼ିଶା ନିଜର ଅଂଶଧନ ବାବଦରେ ଯାହା ପାଇବା କଥା, ତାହା ପାଇନାହିଁ। ଜାତୀୟସ୍ତରରେ ରେଳ ସାନ୍ଦ୍ରତା (ରେଲୱେ ଡେନ୍‌ସିଟ୍) ୧ ହଜାର ବର୍ଗ କିଲୋମିଟରରେ ୨୧ କି.ମି. ଥିବାବେଳେ ଓଡ଼ିଶାରେ ଏହା ୧୫ କି.ମି.ରେ ସୀମିତ। ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡା, ଇବ୍, ବଣାଇ, ରାଉରକେଲା ଭଳି ଶିଳ୍ପାଞ୍ଚଳ ଏବେବି ଚକ୍ରଧରପୁର ରେଳ ଡିଭିଜନରେ ରହିଛି। ଏହାକୁ ପୂର୍ବତଟ ରେଳ ଜୋନ୍ ଅନ୍ତର୍ଭୁକ୍ତ କରାଯାଉନାହିଁ। ରେଳ ମନ୍ତ୍ରଣାଳୟ ଓଡ଼ିଶା ପ୍ରତି କରିଥିବା ତ୍ରୁଟି ସୁଧାରି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କହିଛନ୍ତି।

**OFFICE OF THE DEAN AND PRINCIPAL**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT, ODISHA**
**TENDER CALL NOTICE**

**No. 438** **Date: 02.02.2022**

No. E-897: Sealed quotation/tenders are invited from interested reputed Travel Agencies/Tour Operators/Private individuals having GST Registration & GeM registration for providing one number of AC-Petrol/Diesel Maruti Swift Dezire/Etios vehicle having sitting capacity of five including Driver on monthly hire basis. The last date of receipt of the tender papers is 24.02.2022 till 3.00 P.M. through Speed Post/Regd. Post/Courier. The detail information can be obtained in the District Website of Koraput District. **http://koraput.nic.in** and **www.slnmch.nic.in**. The authority reserves the right to accept/reject/cancel any or all the tenders in full or part without assigning any reason thereof.

**Sd./- Dean and Principal**
**SLNMCH, Koraput**
**OIPR-10121/11/0014/2122**

## ପ୍ରଥମ ପୃଷ୍ଠାରୁ...

### ଖର୍ଚ୍ଚ ହେଉଛି, ...

କେନ୍ଦୁଝର ଜିଲା ହାଟଡିହି ବ୍ଲକରେ ନିର୍ମାଣାଧୀନ ପ୍ରକଳ୍ପ ପାଇଁ ୩୨୧.୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ଠିକାସଂସ୍ଥା ଏନ୍‌ସିସିକୁ ୨୨୩.୨୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ସମସ୍ତ ରିଲିଜ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ହେଁ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ସେହିପରି ଚମ୍ପୁଆ, ଝୁମ୍ପୁରା ଓ ବଂଶପାଳ ପ୍ରକଳ୍ପରେ ୨୧୦ କୋଟି, ହରିଚନ୍ଦନପୁର, ଘଟଗାଁ, ତେଲକୋଇ, ପାଟଣା ଓ ପାଲଲହଡ଼ା ପ୍ରକଳ୍ପରେ ୮୬୩.୧୪ କୋଟି, ରାଇରଙ୍ଗପୁର ପ୍ରକଳ୍ପରେ ୧୪୬.୦୩ କୋଟି, କୁସୁମୀ ପ୍ରକଳ୍ପରେ ୧୫୩.୦୯ କୋଟି, ଯଶିପୁର ବ୍ଲକ ପ୍ରକଳ୍ପରେ ୧୬୧.୧୮ କୋଟି, ହେମଗିରି ପ୍ରକଳ୍ପରେ ୯୭.୩୨ କୋଟି, କୁତ୍ରା ପ୍ରକଳ୍ପରେ ୧୦୯.୫୩ କୋଟି, ରାଜଗାଙ୍ଗପୁର ପ୍ରକଳ୍ପରେ ୮୧.୦୨ କୋଟି, ଗୁରୁଣ୍ଡିଆ ପ୍ରକଳ୍ପରେ ୩୩.୬୯ କୋଟି, କୋଇଡ଼ା ପ୍ରକଳ୍ପରେ ୧୧.୧୫ କୋଟି, ଲହୁଣୀପଡା ପ୍ରକଳ୍ପରେ ୨୧ କୋଟି, କୁଆଁରମୁଣ୍ଡା ପ୍ରକଳ୍ପରେ ୩୯.୫୦ କୋଟି, ନୂଆଗାଁ ପ୍ରକଳ୍ପରେ ୭୬ କୋଟି, ସୁକିନ୍ଦା-୧ ପ୍ରକଳ୍ପରେ ୩୮.୪୭ କୋଟି, ସୁକିନ୍ଦା-୨ ପ୍ରକଳ୍ପରେ ୮୭.୧୮ କୋଟି, ସୁନ୍ଦରଗଡ଼ ଜିଲାର ୧୨୨ଟି ଗ୍ରାମ ପାଇଁ ପ୍ରକଳ୍ପରେ ୧୪୨.୧୯ କୋଟି, କେନ୍ଦୁଝର ଜିଲାର ୧୧୫ ଗ୍ରାମ ପ୍ରକଳ୍ପରେ ୭୭ କୋଟି, ସୁନ୍ଦରଗଡ଼ ଜିଲାର ବିଶ୍ରା, ଲାଠିକଟା, ବଣେଇ ପ୍ରକଳ୍ପରେ ୩୭.୧୮ କୋଟି ଏବଂ ଲେଫ୍ରିପଡ଼ା, ଟାଙ୍ଗରପାଲି, ସୁନ୍ଦରଗଡ଼, ବଡ଼ଗାଁ, ସବ୍‌ଡ଼େଗା ଓ ବାଲିଶଙ୍କରା ପ୍ରକଳ୍ପରେ ୮୩.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ ଓଏମ୍‌ବିଏଡିସିରେ ପାଣ୍ଠି ଖର୍ଚ୍ଚ ହେଉଥିଲେ ମଧ୍ୟ ଗତ ୪ ବର୍ଷ ହେଲା ପ୍ରଶାସନିକ ଉଦାସୀନତା କାରଣରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି। ଖଣି ପ୍ରଭାବିତ ଅଞ୍ଚଳରେ ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ସରକାରୀ ଭାବେ ଜଣାପଡ଼ିଛି, ଯାହାକି ପାନୀୟ ଉପଯୋଗୀ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଏପ୍ରିଲ ଏବଂ ଅକ୍ଟୋବର ମାସରେ ଯାଜପୁର ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଧା ନିକଟରୁ ସଂଗୃହୀତ ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଓ ମୃତ୍ୟୁବରଣ କରୁଛନ୍ତି। ତେଣୁ ଖଣି ପ୍ରଭାବିତ ଅଞ୍ଚଳବାସୀ ସ୍ୱଚ୍ଛ ପାଣିକୁ ନେଇ ଚିନ୍ତାରେ ଅଛନ୍ତି। ଏନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

### ପକ୍ଷୀ ରାଜାଙ୍କ...

ଏଥିସହ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପକ୍ଷୀ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିବା ସହ ବାର୍ଡସ୍ ଅଫ୍ ଚିଲିକା, ବାର୍ଡ ୱାଚ୍, ବିହଙ୍ଗ ସଂହିତା ଓ ପକେଟ ଡିକ୍ସନାରି ଅଫ୍ ବାର୍ଡ୍ସ ଆଦି ବହୁ ଗବେଷଣାଧର୍ମୀ ପୁସ୍ତକ ରଚନା କରିଛନ୍ତି। ସାନଖେମୁଣ୍ଡି ଅଞ୍ଚଳରେ କୃଷି, ଶିକ୍ଷା, ଜଳସେଚନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶର କର୍ଣ୍ଣଧାର ସାଜିଥିଲେ। ଖେମୁଣ୍ଡି କଲେଜ ପ୍ରତିଷ୍ଠାରେ ତାଙ୍କ ଯୋଗଦାନ ଥିଲା। ସେ କଲେଜ ପରିଚାଳନା କମିଟିର ପ୍ରଥମ ସଭାପତି ଥିଲେ। ତାଙ୍କ ପାର୍ଥିବ ଶରୀର ଗୁରୁବାର ଭୁବନେଶ୍ୱରରୁ ପୋଡ଼ାମାରି ରାଜବାଟୀକୁ ଅଣାଯିବା ରାସ୍ତାରେ ବହୁସଂଖ୍ୟକ ଲୋକ ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାନଖେମୁଣ୍ଡି ଓ ଆଖପାଖ ଅଞ୍ଚଳରୁ ଆସିଥିବା ବହୁ ଲୋକ ବାଇକ୍ ଶୋଭାଯାତ୍ରାରେ ପୋଡ଼ାମାରିରେ ପହଞ୍ଚିଥିଲେ। ସେଠାରେ ଆଖପାଖ ଅଞ୍ଚଳର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ଘଟିଥିଲା। ତାଙ୍କ ମୃତ୍ୟୁରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଶୋକବାର୍ତ୍ତା ଜଣାଇଛନ୍ତି। ସେହିପରି ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଭି. ରବିନାରାୟଣ ରାଜୁ, ଉଦୟନାଥ ସ୍ୱାଇଁ, ଭି. ଶ୍ୟାମସୁନ୍ଦର ରାଜୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ରାଜାଙ୍କ ଏକମାତ୍ର ପୁତ୍ର ବୀରକିଶୋର ଦେବଙ୍କ ଉପସ୍ଥିତିରେ ରାତି ପ୍ରାୟ ୮ ଟାରେ ପୋଡ଼ାମାରି ଗ୍ରାମସ୍ଥିତ ରାଜ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

### ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର

ସ୍ୱର୍ଗତ ଦେବଙ୍କୁ ଓଡ଼ିଶା ବିଧାନସଭା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମରଶରୀର ବିଧାନସଭା ପରିସରରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପରଲୋକଗତ ଦେବଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଚସ୍ପତି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଦେବ ଜଣେ ସରଳ, ନିରହଙ୍କାରି, ଅମାୟିକ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ନୈତିକ ମୂଲ୍ୟବୋଧର ପ୍ରବର୍ତ୍ତକ ଭାବେ ସେ ଚିର ଅମର ରହିବେ ବୋଲି ବାଚସ୍ପତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଓଡ଼ିଶାକୁ ୧୦ଗୁଣ ବଢ଼ିଛି ...

ହେତୁ ଏହି କାର୍ଯ୍ୟ ବିଚାରାଧୀନ ଅଛି। ଇତିମଧ୍ୟରେ ୫୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇଛି। ବଳକା ୫୦ପ୍ରତିଶତ ଜମି ରାଜ୍ୟ ସରକାର ଯୋଗାଇବା ପରେ କାରଖାନା ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ୪୦୦ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରିବାକୁ ଏଥର ବଜେଟରେ ସରକାର ଘୋଷଣା କରିଛନ୍ତି। ତେଣୁ ଓଡ଼ିଶାରେ ମଧ୍ୟ ବନ୍ଦେ ଏକ୍ସପ୍ରେସ ଚାଲିବ। ରାଜ୍ୟରେ ବୃହତ୍ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଅନୁମତି ମିଳିବା ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ତେଣୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି।

### ସଂକ୍ରମଣ ହାର ...

୭୧୬ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୩୪୬, କଟକ ୩୨୯, କେନ୍ଦ୍ରାପଡ଼ା ୧୪୯, ମୟୂରଭଞ୍ଜ ୧୪୨, ଯାଜପୁର ୧୩୭, ନୟାଗଡ଼ ୧୧୮, ବାଲେଶ୍ୱର ୧୧୧, ରାୟଗଡ଼ା ୧୦୧, ସମ୍ବଲପୁରରୁ ୧୦୧ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୧୨,୫୯,୪୦୫ରେ ପହଞ୍ଚିଛି। ଅନ୍ୟପକ୍ଷରେ କରୋନା ଆଉ ୧୮ଜଣଙ୍କ ଜୀବନ ନେଇଛି। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡ ତଥ୍ୟାନୁସାରେ, ୧୮ଜଣଙ୍କ ମଧ୍ୟରେ ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଭଦ୍ରକ, ଜଗତସିଂହପୁରରୁ ୩ଜଣ ଲେଖାଏ ରହିଛନ୍ତି। ସେହିଭଳି ନୟାଗଡ଼, ଦେବଗଡ଼ ଓ ବାଲେଶ୍ୱରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୬୬୬କୁ ବୃଦ୍ଧି ପାଇଛି।

**ଓଡ଼ିଶା ସରକାର**
**କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No.34 Date 20.01.2022

No.IX-07:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ସର୍ଗିଗୁଡ଼ା (ଅତିରିକ୍ତ), ଥାନା- ନର୍ଲା, ତହସିଲ- ନର୍ଲା, ଜିଲ୍ଲା- କଳାହାଣ୍ଡିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩, ତା୧୭।୦୨।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସର୍ଗିଗୁଡ଼ା, ଥାନା- ନର୍ଲା, ଜିଲ୍ଲା- କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କଳାହାଣ୍ଡି** **ତହସିଲ: ନର୍ଲା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସର୍ଗିଗୁଡ଼ା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ.୪.୪୫୯ | ଏ.୦.୯୨୦ | ଏଥିସହିତ ସଂଲଗ୍ନ ଅଛି |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ପ୍ରଯୁଜ୍ୟ ନୁହେଁ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**
**ପ୍ରଯୁଜ୍ୟ ନୁହେଁ ।**

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | | | | | |

**ଅଧିସୂଚନା ବୈଧ ତାରିଖ:**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି**

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା- ସର୍ଗିଗୁଡ଼ା (ଅତିରିକ୍ତ) ଗ୍ରାମାଞ୍ଚଳ, ତହସିଲ- ନର୍ଲା, ଥାନା- ନର୍ଲା, ଥାନା ନଂ. ୬୨, ଜିଲ୍ଲା- କଳାହାଣ୍ଡି**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୫୩ | ୨୨୦<br>୨୨୪<br>୩୨୩ | ୦.୦୫୦<br>୧.୫୦୨<br>୦.୧୮୦ | ୦.୦୧୦<br>୦.୧୮୦<br>୦.୧୮୦ | ମାଳ<br>ମାଳ/୪<br>ଘରବାରି/୨ | ଗୌରଚନ୍ଦ୍ର ନାଏକ, ପି. କୃପାସିନ୍ଧୁ ନାଏକ, ଜା. କୋଲତା, ବା. ନିଜଗାଁ |
| ୨ | ୧୬୩ | ୨୨୧ | ୦.୬୪୦ | ୦.୦୪୦ | ମାଳ/୨ | ଭାଗିରଥି ନାଗ, ପି. ଚନ୍ଦ୍ର ନାଗ, ଜା. ଗଉଡ଼, ବା. ନିଜଗାଁ |
| ୩ | ୧୨୪ | ୨୨୨ | ୦.୫୬୦ | ୦.୦୮୦ | ମାଳ /୨ | ପୁରନ୍ଦର ନାଏକ, ପି. ବିଦ୍ୟାଧର ନାଏକ, ଜା. ଓଡ଼ିଆ, ବା. ନିଜଗାଁ |
| ୪ | ୧୦୩ | ୨୨୩ | ୦.୯୯୦ | ୦.୧୪୦ | ମାଳ/ ୪ | ପ୍ରଦୀପ କୁମାର ନାଏକ, ରଶ୍ମିରଞ୍ଜନ ନାଏକ, ପି. ନରେନ୍ଦ୍ର ନାଏକ, ଜା. କୋଲତା, ବା. ନିଜଗାଁ |
| ୫ | ୨୨୫/୨୧୮ | ୩୪୦ | ୦.୧୬୦ | ୦.୧୬୦ | ବେର୍ଣ୍ଣା | ଜୟଶଙ୍କର ନାଏକ, ପି. କମଳ ନାଏକ, ଜା. କୋଲତା, ବା. ନିଜଗାଁ |
| ୬ | ୧୮୮ | ୩୪୩<br>୩୪୪ | ୦.୨୨୦<br>୦.୧୫୭ | ୦.୧୦୦<br>୦.୦୩୦ | ବେର୍ଣ୍ଣା ଘରବାରି / ୨ | ରେଖରାଜ ସରାଫ, ପି. ସନାତନ ସରାଫ, ଜା. ସୁନାରି, ବା. ନିଜଗାଁ |
| | | ମୋଟ | ୪.୪୫୯ | ୦.୯୨୦ | | |

Sd./- Special Land Acquisition Officer
Titilagarh-Vizianagaram 3rd Line
Railway Project, Bhawanipatna

**ସ୍ୱା./- ଭୂ-ଅର୍ଜନ ଅଧିକାରୀ**
**ଟିଟିଲାଗଡ଼-ବିଜୟନଗରମ, ୩ୟ ରେଳ ପ୍ରକଳ୍ପ**
**ଭବାନୀପାଟଣା, କଳାହାଣ୍ଡି**

OIPR-24180/14/0016/2122

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକ

**ନିରାକାରପୁର,୩।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକ ଗୁରୁବାର ନିରାକାରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ଶିକ୍ଷା ସଂଘର ସଭାପତି କିଶୋର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସପ୍ତମ ବେତନ କମିଶନ ଆଧାରରେ ୩୦ପ୍ରତିଶତ ବକେୟା ଦରମା ଚଳିତ ବର୍ଷର ଆୟ ଟିକସ ଦାଖଲ ଓ ଦରମା ପାଇବାରେ ବିଳମ୍ବ ସମ୍ପର୍କରେ ଆଲୋଚନା ହୋଇଥିଲା। ମାସିକ ଦରମା ପାଇବାରେ ବିଳମ୍ବ ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ମାସର ଶେଷ ଦିବସରେ ଦରମା ହେବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର ହୋଇଥିଲା। ଇନକମ୍ ଟ୍ୟାକ୍ସ ଫର୍ମ ପୂରଣ କରି ଖୁବଶୀଘ୍ର ବିଇଓଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିଷ୍ପତ୍ତି ହୋଇଛି। ଟାଙ୍ଗୀ ବ୍ଲକରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ପୂରଣ ପାଇଁ ଦାବି ହୋଇଥିଲା। ବୈଠକରେ ସମ୍ପାଦକ ପ୍ରଦୀପ ପରିଡା, ଅମ୍ଳାନ ପ୍ରହରାଜ, ଦୁଃଶାସନ ସେଠୀ, ଅମର ଜୟସିଂହ, ସତ୍ୟନାରାୟଣ ବ୍ରହ୍ମାମହାପାତ୍ର, ଯଜ୍ଞେଶ୍ୱର କଳସ, ବିଭୂତି ଭୂଷଣ ଯୁଝାରସିଂହ, ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରଭାସ ରଞ୍ଜନ ପଟ୍ଟନାୟକ, ବିରଞ୍ଚି ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

### କଲେଜ ରାଜନୀତିରୁ ଜିଲା ପରିଷଦ ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ, ୩।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଉ ଦିନ କେଇଟା ରହିଥିବା ବେଳେ ସବୁଆଡ଼େ ପ୍ରଚାର ଜମିଲାଣି। ପ୍ରାର୍ଥୀମାନେ ଘର ଘର ବୁଲି ଭୋଟରଙ୍କୁ ମନାଇବା ସହ ପ୍ରତିଶ୍ରୁତି ଦେଉଛନ୍ତି। ଚଳିତ ନିର୍ବାଚନରେ ଯୁବକ, ସାମାଜିକ କର୍ମୀ, ଉଚ୍ଚ ଶିକ୍ଷିତସମ୍ପନ୍ନ ଯୁବକ ପ୍ରମୁଖ ମଇଦାନକୁ ଓହ୍ଲାଇଛନ୍ତି। ସେଭଳି ଯୁବ ପ୍ରାର୍ଥୀ ହେଉଛନ୍ତି ବେଗୁନିଆ ନିର୍ବାଚନ ମଣ୍ଡଳୀ ୨୩ନଂ.ଜୋନ ଭାଜପା ପ୍ରାର୍ଥୀ ଜିତେନ୍ଦ୍ର ସାହୁ(୨୪)। କଲେଜ ଛାତ୍ର ରାଜନୀତିରୁ ଏବେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ଲୋକଙ୍କ ପାଇଁ କିଛି କରିବାର ଆଶା ରଖିଛନ୍ତି ଜିତେନ୍ଦ୍ର। ଅଞ୍ଚଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା, ଆତ୍ମନିର୍ଭର ଭାରତ ପରିକଳ୍ପନା ଓ ଲୋକଙ୍କ ସେବା ପାଇଁ ସେ ନିର୍ବାଚନରେ ଲଢୁଛନ୍ତି ବୋଲି ସେ କହିଛନ୍ତି। ନିର୍ବାଚନରେ ହାରଜିତ ଲାଗି ରହିଛି। ଫଳାଫଳ ଯାହା ହେଉନା କାହିଁକି, ଲୋକଙ୍କ ସାଥିରେ ରହିବି। ମୋ ସାଥିରେ ଯୁବ ଭୋଟର ରହିଥିବା ବେଳେ ଲୋକଙ୍କ ଭଲ ପାଇବା ରହିଛି। ପରିବାର, ଗ୍ରାମର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀଙ୍କ ଆର୍ଶୀବାଦ ରହିଛି। ନିର୍ବାଚନରେ ବିଜୟୀ ହେବେ ବୋଲି ସେ ଆଶା ରଖିଥିବା କହିଛନ୍ତି।

### ନିର୍ବାଚନରେ ଦମ୍ପତି



**ଖୋର୍ଦ୍ଧା ଅଫିସ, ୩।୨:** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ପାଇଁ ପ୍ରଫୁଲ୍ଲ ପ୍ରଧାନ ସରପଞ୍ଚ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ହୁଲ୍ଲାସ ପ୍ରଧାନ ସମିତି ସଭ୍ୟ ପଦବୀରେ ନିର୍ବାଚନ ଲଢୁଛନ୍ତି। ପୂର୍ବରୁ ଉଭୟ ସରପଞ୍ଚ ରହିଥିଲେ। ସକାଳ ହେଲେ, ଘରକାମ ସାରି ଉଭୟେ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି। ପ୍ରଫୁଲ୍ଲ କୁହନ୍ତି, ଲୋକଙ୍କ ପାଇଁ କାମ କରି ଆସୁଛି। ସୁଖଦୁଃଖରେ ଲୋକଙ୍କ ସହ ରହିଛି। ପଞ୍ଚାୟତରେ ଅନେକ ବିକାଶ ହୋଇଛି, କିଛି ରହିଯାଇଛି। ଏହାକୁ ପୂରଣ କରିବା ଲକ୍ଷ୍ୟ ରହିଛି। ଚଳିତ ନିର୍ବାଚନରେ ବିଜୟୀ ହେଲେ ଅଧୁରା ରହିଥିବା କାମ ସମ୍ପୂର୍ଣ୍ଣ କରିବା ସହ ଆଦର୍ଶ ପଞ୍ଚାୟତ ଗଠନ ପାଇଁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।

# ଗ୍ରାମାଞ୍ଚଳରେ ବଢୁଛି ନିଶା କାରବାର

**ବେଗୁନିଆ,୩।୨(ଡି.ଏନ୍.ଏ.)**

**ବେଗୁନିଆ ବ୍ଲକ**
- ନିଶା କାରବାର ରୋକିବାରେ ପୋଲିସ ଓ ଅବକାରୀ ବିଭାଗ ବିଫଳ
- ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ମଦ ଚୋରା ବ୍ୟବସାୟୀମାନେ ଆଢୁଆଳ ପଛରେ ରହି ମହିଳା ଓ ଯୁବକଙ୍କୁ ଅର୍ଥ ଲୋଭ ଦେଖାଇ ସାମିଲ କରାଉଛନ୍ତି। ଫଳରେ ଯୁବପିଢ଼ି ବିପଥଗାମୀ ହେବା ସହ ଆପରାଧିକ କାର୍ଯ୍ୟକଳାପ ବଢୁଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, ଏହି ବ୍ଲକ ଅଧୀନରେ ୧୬୨ଗ୍ରାମ ରହିଛି। ହେଲେ ଏଠାରେ ନିଶା କାରବାର ରୋକିବାକୁ ରହିଥିବା ପୋଲିସ ଓ ଅବକାରୀ ବିଭାଗ ବିଫଳ ହୋଇଛି। ନକଲି ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତ କରାଯାଇ ଖୁଲମଖୁଲା ବିକ୍ରି କରାଯାଉଛି। ଏହା ଦ୍ୱାରା ବେପାରୀମାନେ ଲାଭବାନ ହେଉଥିବା ବେଳେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଡାଲତୋଳା, ସିକୋ, ଖଣତି, କୁଶପଲ୍ଲା, ବଡ଼ପଦର, କୋଲୁହାପାଟଣା, ଗୁଡୁମ, ଏକଡାଲିଆ, ପିଚୁକୁଳି, ସିଉଳା, ସାନପଦର ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତି ହେଉଥିଲେ ମଧ୍ୟ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ସେଭଳି ଚଢ଼ାଉ ହେଉନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅନେକ ସମୟରେ ମଦ ପ୍ରସ୍ତୁତି ଓ ବିକ୍ରିକୁ ନେଇ ମାରପିଟ୍ ମଧ୍ୟ ହେଉଛି। ଗତ ଜାନୁୟାରୀରୁ ଅଦ୍ୟାବଧି ବେଆଇନ ମଦ ବିକ୍ରି ଅଭିଯୋଗରେ ଜଙ୍କିଆ ଥାନା ଅଧୀନ ସିକୋ ଫାଣ୍ଡିରେ ୫ଟି, ବାଘମାରୀ ଥାନାରେ ୨ଟି ଓ ସଦର ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ନ ହେବାରୁ ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଛି। ଏନେଇ ସ୍ଥାନୀୟ ସାମାଜିକ ସଙ୍ଗଠନର ସଭ୍ୟ ମାୟାଧର ବେହେରା କୁହନ୍ତି, ବେଆଇନ ମଦ କାରବାର ଯୋଗୁ ଗ୍ରାମାଞ୍ଚଳରେ ଅସାମାଜିକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ନିଶା ନିବାରଣ ସଚେତନତା ସୃଷ୍ଟି କରାଯିବା ସହ ପୋଲିସ ଓ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇପଡ଼ିଛି। ମହିଳା ସଭାନେତ୍ରୀ ରମାମଣି ସାହୁ କହିଛନ୍ତି, ଗ୍ରାମାଞ୍ଚଳରେ ବିକ୍ରି ହେଉଥିବା ଦେଶୀ ମଦ ପିଇ ଲୋକେ ଅସୁସ୍ଥ ହେଉଛନ୍ତି। ଦୈନିକ ରୋଜଗାର ଉପରେ ପ୍ରଭାବ ପଡିବା ସହ ପାରିବାରିକ ବିଶୃଙ୍ଖଳା ହେଉଛି। ଅନ୍ୟପଟେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ନିଶା କାରବାର ରୋକିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ଏହି ବ୍ଲକ ଅଞ୍ଚଳ ନିଶା ମୁକ୍ତ ହେବ।

## ଅଫ୍‌ଲାଇନ ପରୀକ୍ଷାକୁ ଛାତ୍ରୀଛାତ୍ରଙ୍କ ବିରୋଧ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୩।୨(ଡି.ଏନ୍.ଏ.)**



ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ରାଜ୍ୟ ସରକାର ସ୍କୁଲ ଓ କଲେଜ ଖୋଲିବାକୁ ଘୋଷଣା କରିଛନ୍ତି। ସୋମବାରଠାରୁ ସ୍କୁଲ ଖୋଲିବ। ଅନ୍ୟପଟେ ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରି ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳ କଲେଜର ଛାତ୍ରୀଛାତ୍ର ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରୀକ୍ଷା ବାତିଲ ଦାବିରେ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ବର୍ଷିଥିଲେ। ପାଠପଢା ସରି ନ ଥିବା ବେଳେ ପିଲାମାନେ କିପରି ପରୀକ୍ଷା ଦେବେ ବୋଲି କହିଥିଲେ। ଦୁଇ ବର୍ଷ ହେବ ଅନଲାଇନରେ କ୍ଲାସ ଚାଲିଥିବା ବେଳେ ଅଫଲାଇନ ପରୀକ୍ଷା କାହିଁକି କରାଯିବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ଅଫଲାଇନ ପରୀକ୍ଷା ହେଲେ ବହୁ ଛାତ୍ରୀଛାତ୍ର ଆକ୍ରାନ୍ତ ହେବା ଆଶଙ୍କା ରହିଛି। କଲେଜକୁ ଠିକ୍ ଭାବେ ବିଶୋଧନ ମଧ୍ୟ କରାଯାଉ ନାହିଁ। ଅନେକ ବିଦ୍ୟାର୍ଥୀ ବହୁ ଦୂରରୁ କଲେଜକୁ ଆସୁଛନ୍ତି। ତେଣୁ ଅଫଲାଇନ ପରିବର୍ତ୍ତେ ଅନଲାଇନ ପରୀକ୍ଷା ଲାଗି ଦାବି କରିଛନ୍ତି। ଏହି ଧାରଣାରେ ପିଏନ କଲେଜ, ଜଟଣୀ କଲେଜ, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ, ହଳଦିଆ, ମଲିପଡା, କେରଙ୍ଗ, ଗଡମାଣିତ୍ରୀ ଏବଂ ଦେଉଳି ସ୍ଥିତ କଲେଜର ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ସେହିପରି ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ବାତିଲ ଦାବିରେ ନୂଆ ଜଗନ୍ନାଥ ସଡକକୁ ସ୍ଥାନୀୟ କଲେଜ ଛକଠାରେ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲେ। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଗ୍ୟାସ୍ ଚୁଲା ନିଆଁରୁ ୪ ବଖରା ଜଳିଗଲା

**ବୋଲଗଡ଼,୩।୨(ଡି.ଏନ୍.ଏ.)**

ବୋଲଗଡ଼ ତହସିଲ ଅନ୍ତର୍ଗତ କପାସିଆ ଗ୍ରାମରେ ଗୁରୁବାର ଗ୍ୟାସ ଚୁଲାରୁ ନିଆଁ ଲାଗି ଦୁଇ ପରିବାରର ୪ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଉଭୟ ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ସହ ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଏହି ଗ୍ରାମ ପ୍ରଧାନସାହିର କାହ୍ନୁଚରଣ ବେହେରାଙ୍କ ରୋଷେଇ ଘରେ ଗ୍ୟାସ ଲଗାଇବା ସମୟରେ ହଠାତ ନିଆଁ ପାଖରେ ଥିବା ଚାଳରେ ଲାଗିଯାଇଥିଲା। ପରେ ପଡ଼ୋଶୀ ଭାଗ୍ୟଧର ବେହେରାଙ୍କ ଘରେ ମଧ୍ୟ ଲାଗିଯାଇଥିଲା। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ବାନମାଳୀ ବେହେରା କହିଛନ୍ତି। ତୁରନ୍ତ ଉଭୟ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## 'ଜଟଣୀ ଉନ୍ନତିର ସ୍ୱର' ସଙ୍ଗଠନର ନୂତନ କର୍ମକର୍ତ୍ତା ମନୋନୀତ

**ଜଟଣୀ,୩।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ୭ନମ୍ବର ୱାର୍ଡ ବାଲିଛକ ସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ 'ଜଟଣୀ ଉନ୍ନତିର ସ୍ୱର' ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ସରୋଜ ବିହାରୀ ପ୍ରିୟଦର୍ଶୀ ସଭାପତି, ଏନ୍.ଜଗନ୍ନାଥ, ଶ୍ରଦ୍ଧାଞ୍ଜଳି ଜେନା ଉପସଭାପତି, ଦିଲୀପ କୁମାର ବିଶ୍ୱାଳ ସାଧାରଣ ସମ୍ପାଦକ, ପ୍ରକାଶ କୁମାର ଜେନା, ବିନୋଦ କୁମାର ସାବତ ଯୁଗ୍ମ ସମ୍ପାଦକ, ପରେଶ କୁମାର ପଟ୍ଟନାୟକ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଶମ୍ଭୁ ସ୍ୱାଇଁ, ରବୀନ୍ଦ୍ର ନାଥ ମହାକୁଡ଼, କିଶୋର କୁମାର ସାହୁ, ଶିବ କୁମାର ଦାଶ, ଗୌତମ ମହାପାତ୍ର ପ୍ରମୁଖ ପରାମର୍ଶଦାତା ଓ ସଭ୍ୟଭାବେ ମନୋନୀତ ହୋଇଛନ୍ତି। ସମସ୍ତ ସଦସ୍ୟ ଜଟଣୀ ଓ ଏହାର ଆଖପାଖ ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ।

## ନିର୍ଯାତନା ପରେ ସ୍ୱାମୀ ଫେରାର

**ବେଗୁନିଆ,୩।୨(ଡି.ଏନ୍.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଧଳାପଥର ଅଞ୍ଚଳର ଜଣେ ଯୁବକ ଅଧିକ ଯୌତୁକ ଦାବିରେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗର ମାମଲା ବିଚାରଧୀନ ରହିଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ସମାନ ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଫଳରେ ଯୁବକଙ୍କ ସମେତ ପରିବାରଲୋକେ ଫେରାର ରହିଛନ୍ତି। ସୂଚନା ମୁତାବକ, ଧଳାପଥର ଗ୍ରାମର ରଞ୍ଜନ ବେହେରା ୫ବର୍ଷ ପୂର୍ବେ ଟାଙ୍ଗୀ ଥାନା ଚଣ୍ଡେଶ୍ୱର ଗ୍ରାମର ରୀତାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ରୀତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏନେଇ ରୀତା ଥାନାରେ ଅଭିଯୋଗ କରିବା ସହ ୨୦୧୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ବିଚାରାଧୀନ ରହିଥିବା ବେଳେ ରୀତା ବାପଘରେ ରହୁଛନ୍ତି। ରଞ୍ଜନ ୨୦୨୧ ମେ'ରେ ଖୋର୍ଦ୍ଧା ଆଦର୍ଶ ଥାନା କୁଣ୍ଡିଲୋ ଗ୍ରାମର ପୂଜାଙ୍କୁ ଦିତୀୟ ବିବାହ କରିଥିଲେ। ଏହା ଜାଣିବା ପରେ ଶାଶୁଘରେ ରୀତା ପହଞ୍ଚି ସ୍ତ୍ରୀର ଅଧିକାର ଦାବି କରବା ସହ ପୂଜାଙ୍କୁ ସମସ୍ତ କଥା ଜଣାଇ ପୁଣି ବାପଘରକୁ ପଳାଇଥିଲେ। ଏହି ଘଟଣା ପ୍ରଘଟ ନ କରିବା ପାଇଁ ରଞ୍ଜନଙ୍କ ପରିବାର ଲୋକେ ପୂଜାଙ୍କୁ ପ୍ରବର୍ତ୍ତାଇଥିଲେ। ଦ୍ୱିତୀୟ ବିବାହକୁ ଅନ୍ୟଆଡେ ପୂଜା ପ୍ରଘଟ କରିଦେଇଛନ୍ତି ବୋଲି ରଞ୍ଜନଙ୍କ ପରିବାରଲୋକେ ସନ୍ଦେହ କରି ତାଙ୍କୁ ମଧ୍ୟ ନିର୍ଯାତନା ଦେଉଥିଲେ। ଏକ ଜଙ୍ଗଲରେ ପୂଜାଙ୍କୁ ନଜରବନ୍ଦୀ ରଖିଥିଲେ। ପୂଜା କୌଶଳକ୍ରମେ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୬/୨୨) ରୁଜୁକରିତଦନ୍ତ ଚଳାଇଛି।

## ଏକଡ଼ାଲିଆକୁ ହରାଇ ନରେନ୍ଦ୍ରପୁର ଚାମ୍ପିୟନ

**ବାଣପୁର,୩।୨(ଡି.ଏନ୍.ଏ.)**

ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ଖେଳପଡ଼ିଆରେ ବାଲି କପିଳେଶ୍ୱର ଯୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଏକଡାଲିଆର ଶ୍ରୀଜଗନ୍ନାଥ ଟିମ୍‌କୁ ହରାଇ ନରେନ୍ଦ୍ରପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଏକଡାଲିଆ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ନରେନ୍ଦ୍ରପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୯ଉଇକେଟ ବିନିମୟରେ ୧୧୪ରନ ସଂଗ୍ରହ କରିଥିଲା। ଜବାବରେ ଏକଡାଲିଆ ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୦୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅଭିଜିତ୍ ମାନସିଂ ଓ ଅଞ୍ଜନ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆଶୁତୋଷ ମାନସିଂ ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ବସନ୍ତ କୁମାର ଦଳାଇ ଓ ଆଇନଜୀବୀ ସୁବ୍ରତ କୁମାର ବରାଳ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୨୦ହଜାର ଟଙ୍କା ଓ ରନର୍ସ ଅପ୍ ଟିମକୁ ଟ୍ରଫି ସହ୧୫ହଜାର ଟଙ୍କା ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ନୂତନ ମନ୍ଦିର ପାଇଁ ମହାବୀରଙ୍କ ପୀଠରୁ ଆସିଲା ଗଦା

**ନିରାକାରପୁର,୩।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବଡ଼ପୋଖରିଆ ପଞ୍ଚାୟତରେ ପତିତପାବନ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଗୁରୁବାର ପୁରୀ ଜିଲା ସିରୁଳି ଗ୍ରାମସ୍ଥିତ ମହାବୀରଙ୍କ ପାଖରୁ ଗଦା ଶଗଡ଼ ଗାଡ଼ିରେ ଆସି ସନ୍ଧ୍ୟାରେ ନୂତନ ମନ୍ଦିରରେ ପହଞ୍ଚିବା ପରେ ଅଙ୍କୁରାରୋପଣ, ଶୁଭାଧିବାସ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଆସନ୍ତା ସୋମବାର ବିଗ୍ରନ୍ୟାସ, ପିଣ୍ଡିକା ନ୍ୟାସ, ସିଂହାସନ ବିଜେ, ହରିହର ମିଳନ ଓ ପୂର୍ଣ୍ଣାହୁତି ହେବ ବୋଲି ବଡପୋଖରିଆ ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଓ୍ୱାକର



@ ଶାଶ୍ୱତ



@ ଗୁନା



@ ବିନୋଦ



@ ପୁରୁଷୋତ୍ତମ



@ ପପୁ

## ବାଲୁଗାଁ ପ୍ରାଣୀ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

**ବାଲୁଗାଁ,୩।୨(ଡି.ଏନ୍.ଏ.)**

**୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ**

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ବାଲୁଗାଁ–ବାଣପୁର ରୋଡ଼ରେ ଥିବା ଏହି ପ୍ରାଣୀ ଚିକିତ୍ସାଳୟରେ ଗୁରୁବାର ଚିକିତ୍ସକ ଓ ସମସ୍ତ କର୍ମଚାରୀ କାର୍ଯ୍ୟ ସାରି ଅପରାହ୍ନ ୪ଟାରେ କାର୍ଯ୍ୟାଳୟରେ ତାଲା ପକାଇ ପଳାଇଥିଲେ। ପ୍ରାୟ ୪ଟା ୩୦ରେ ଏହି କାର୍ଯ୍ୟାଳୟ ପରିସରରୁ ହଠାତ୍ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟଲୋକେ ଚିକିତ୍ସାଳୟ କର୍ମଚାରୀଙ୍କୁ ଫୋନ କରି କହିଥିଲେ। ଖବରପାଇ ବାଲୁଗାଁ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ରତ୍ନାକର ବାରିକ ସଦଳବଳ ପହଞ୍ଚି ପ୍ରାୟ ୨ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ ଆବଶ୍ୟକ କାଗଜପତ୍ର, ୩ଟି ରେଫ୍ରିଜରେଟର, ୨ଟି ଆଲମିରା, ପ୍ରାଣୀଙ୍କ ନିମନ୍ତେ ସଂରକ୍ଷଣ ଥିବା ଟିକା, ଔଷଧ ସମେତ ଅନେକ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।




କେନ୍ଦ୍ର ବଜେଟ୍‌କୁ ଜନବିରୋଧୀ ଓ ମହିଳା ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର କରାଯିବା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଦିନକ ପରେ ସରସ୍ୱତୀ ପୂଜା: ଗୁରୁବାର ଭୁବନେଶ୍ୱର ୟୁନିଟ୍–୧ ହାଟରେ ବିକ୍ରି ପାଇଁ ରଖାଯାଇଥିବା ସରସ୍ୱତୀ ମୂର୍ତ୍ତିଗୁଡ଼ିକୁ ଦୁଇଜଣ ଛାତ୍ରୀ ଦେଖୁଛନ୍ତି।



ଖୋର୍ଦ୍ଧା ଜିଲା ଟାଙ୍ଗୀସ୍ଥିତ ବଡପୋଖରିଆରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ପୁରୀ ଜିଲା କଣାସ ବ୍ଲକର ଶିରୁଳୀସ୍ଥିତ ମହାବୀର ହନୁମାନଙ୍କ ଗଦା ଓ ଜ୍ୟୋତି ଶଗଡଗାଡ଼ିରେ ନିଆଯାଉଛି ।

# ପରିତ୍ୟକ୍ତ ଅବସ୍ଥାରେ ଛାତ୍ରାବାସ

କଟକ ଅଫିସ,୩।୨

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ କେଶରପୁର ଓ ବେପାରୀ ସାହି ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଗଣେଶ ପ୍ରସାଦ ଭଗତ ଛାତ୍ରାବାସ ପରିତ୍ୟକ୍ତ ହୋଇପଡିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତରୁ ପାଣି ଗଳିବା ସହ କାଠରେ ଉଇ ଲାଗି ନଷ୍ଟ ହୋଇଗଲାଣି। କାନ୍ଥରେ ଗଛଲତା ମାଡି ଯାଇଥିବାବେଳେ ଅପରିଷ୍କାର ପାଣି ଜମି ରହିଛି। ଦୀର୍ଘଦିନ ଧରି ଅବ୍ୟବହୃତ ଅବସ୍ଥା ପଡିରହିବାରୁ ସରୀସୃପ ରହୁଛନ୍ତି। ଏପରି କି ଏହା ନିଶାସକ୍ତଙ୍କ ଆଡ୍ଡାସ୍ଥଳି ପାଲଟିଛି। ତୁରନ୍ତ ଏହାର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

୧୯୬୨ ମସିହାରେ କେଶରପୁର ଅଞ୍ଚଳର ବଦାନ୍ୟ ବ୍ୟକ୍ତି ଗଣେଶ ପ୍ରସାଦ ଭଗତ ୬ ଗୁଣ୍ଠ ସ୍ଥାନରେ ଥିବା ଏକ ବିଲ୍ଡିଂକୁ ସିଏମ୍‌ସି(ସେତେବେଳର ପୌରପାଳିକା)କୁ ଏକ ଚୁକ୍ତି ମାଧ୍ୟମରେ ଦାନ କରିଥିଲେ। ସର୍ତ୍ତ ରହିଥିଲା ଏହି ବିଲ୍ଡିଂକୁ ପୌରପାଳିକା ଛାତ୍ରାବାସ ଭାବେ ବ୍ୟବହାର କରିବ। ୨ ମହଲା ବିଶିଷ୍ଟ ଉକ୍ତ ବିଲ୍ଡିଂରେ ୧୬ଟି କୋଠରି, ୬ଟି ଶୌଚାଳୟ ଓ ୨ଟି ରୋଷେଇ ଘର ରହିଛି। ଉକ୍ତ ବିଲ୍ଡିଂକୁ ଛାତ୍ରାବାସ କରାଯିବା ପରେ ସହରର ବିଭିନ୍ନ କଲେଜରେ ପଢୁଥିବା ବାହାର ଅଞ୍ଚଳର ଛାତ୍ରମାନେ ସ୍ୱଳ୍ପ ଭଡ଼ାରେ ଏଠାରେ ରହୁଥିଲେ। ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ବାସ ଅନୁପଯୋଗୀ ହୋଇପଡିଲା। ୧୯୯୯ ମହାବାତ୍ୟାରେ ଛାତ୍ରାବାସଟି ସମ୍ପୂର୍ଣ୍ଣ ପରିତ୍ୟକ୍ତ ହୋଇପଡିଲା। ତେବେ ସିଏମ୍‌ସି ପକ୍ଷରୁ ଏହି ଛାତ୍ରାବାସକୁ ପୁନରୁଦ୍ଧାର କରାଯାଇ ୪ ମାସ ମଧ୍ୟରେ ୨ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ମହିଳା ନିବାସ ନିର୍ମାଣ ପାଇଁ ୨୦୧୫ରେ ଯୋଜନା ହୋଇଥିଲା। ତତ୍କାଳୀନ ସିଏମ୍‌ସି କମିଶନର ଓ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷମାନେ ଏହି ସ୍ଥାନ ପରିଦର୍ଶନ କରିବା ପରେ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ଏହାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅପରପକ୍ଷେ ଛାତ୍ରାବାସର ଗୋଟିଏ ପ୍ରବେଶ ଦ୍ୱାରକୁ ବନ୍ଦ କରି ସେଠାରେ ଥିବା ବୈଠକଖାନାକୁ ଜବରଦଖଲ କରାଯାଇଛି। ଛାତ୍ରାବାସର ଅନ୍ୟ ଏକ ପ୍ରବେଶ ଦ୍ୱାର ସମ୍ମୁଖ ଜାଗାକୁ ଜବରଦଖଲ କରି ୪ଟି କୋଠରି ନିର୍ମାଣ କରାଯାଇଛି। ଏହି କୋଠରିକୁ ମାସିକ ୧୦,୦୦୦ ଟଙ୍କାରେ ଭଡା ଦିଆଯାଇଛି। ଅପରପକ୍ଷେ ଛାତ୍ରାବାସକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ କମ୍ପାଉଣ୍ଡ ୱାଲ ନିର୍ମାଣ ପାଇଁ ସିଏମ୍‌ସି ପକ୍ଷରୁ ଟେଣ୍ଡର ସରିଛି। ହେଲେ କଣ୍ଟ୍ରାକ୍ଟରଙ୍କୁ ୱାର୍କ ଅର୍ଡର ଦିଆଯାଇ ନଥିବାରୁ କାମ ଆରମ୍ଭ ହୋଇପାରୁନାହିଁ।



ଛାତ୍ରାବାସ କାନ୍ଥରେ ଗଛଲତା ମାଡ଼ି ଯାଇଛି।





ଭାଙ୍ଗି ଯାଇଥିବା କୋଠରି ଓ ଜମି ରହିଥିବା ଆବର୍ଜନା ପାଣି।

- ୧୯୬୨ରେ ଦାନ ସୂତ୍ରରେ ମିଳିଥିଲା
- ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ପୁନରୁଦ୍ଧାର ଦାବି

## ଏମାନେ କୁହନ୍ତି...

" ଏହି ଛାତ୍ରାବାସରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ସେମାନେ ଏଠାରେ ନିଶାଦ୍ରବ୍ୟ ସେବନ କରି ଗାଳିଗୁଲଜ କରୁଥିବାରୁ ସ୍ଥାନୀୟ ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଯଦି ସିଏମ୍‌ସି ଏହାକୁ ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିଥାନ୍ତା, ତା'ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା।

**ଜୟ ପ୍ରକାଶ ପଟ୍ଟନାୟକ, ସ୍ଥାନୀୟ ବାସିନ୍ଦା**

" ସିଏମ୍‌ସିର ଅଧିକାରୀମାନେ କେବଳ ସ୍ଥାନ ପରିଦର୍ଶନ କରି ଯାଉଛନ୍ତି। ତେବେ ସିଏମ୍‌ସି ଏଠାରେ ମହିଳା ନିବାସ କିମ୍ବା ଅନ୍ୟ କୌଣସି ପ୍ରକଳ୍ପ କରୁ ସେଥିରେ କିଛି ନାହିଁ। ହେଲେ ଆମକୁ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବରୁ ଯଥାଶୀଘ୍ର ମୁକ୍ତି ଦେଉ ।

**ମାନସ କୁମାର ନାଥ, ସ୍ଥାନୀୟ ବାସିନ୍ଦା**

" ଛାତ୍ରାବାସର କିଛି ଅଂଶ ଜବରଦଖଲରେ ରହିଛି। ଏହି ଅଂଶ ସିଏମ୍‌ସି ଅଧୀନକୁ ଫେରିଲା ପରେ କମ୍ପାଉଣ୍ଡ ୱାଲ ନିର୍ମାଣ ପାଇଁ ୱାର୍କ ଅର୍ଡର ଦିଆଯିବ। ଅତ୍ୟାଧୁନିକ ମହିଳା ନିବାସ ନିର୍ମାଣ ସମ୍ପର୍କରେ ଅବଗତ ନାହିଁ।

**ଲଳିତ ନାୟକ, କନିଷ୍ଠ ଯନ୍ତ୍ରୀ, ସିଏମ୍‌ସି**

## ଆଜି କ'ଣ କେଉଁଠି

**କଟକ**

- ଯୁବ ସେବକ ବାହିନୀ,ଉତ୍କଳ ସମ୍ମିଳନୀ ଯୁବ ଶାଖା କଟକ ପକ୍ଷରୁ ନୀରବ ପ୍ରତିବାଦ, ଗୋରା କବର, ସକାଳ ୬ଟା ୩୦।
- ଶୈଳବାଳା ମହିଳା ସ୍ୱୟଂସାସିତ ମହାବିଦ୍ୟାଳୟ ପକ୍ଷରୁ ମଧୁସୁଧନ ଦାସଙ୍କ ସ୍ମୃତି ସଭା, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ୩୦।





କଟକ ସହରରେ ମୁକୁଳା ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ଡ୍ରେନ୍‌ଗୁଡ଼ିକ ମରାମତି କରିବା ଦାବି ନେଇ ଗୁରୁବାର ହିନ୍ଦୁ ସେନା ପକ୍ଷରୁ କଟକ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଥିବା ପ୍ରତିନିଧିମାନେ।

## ସାମାଜିକ କର୍ମୀଙ୍କ ସ୍ମୃତିସଭା

ଫୁଲନଖରା,୩।୨(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ସାମାଜିକ କର୍ମୀ ତଥା ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଗୌରଶ୍ୟାମ ପଟ୍ଟନାୟକଙ୍କ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୂଜ୍ୟପୂଜା ସାମାଜିକ ସଙ୍ଗଠନର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ନୂଆ କାଚରାମାଳଠାରେ ଆୟୋଜିତ ସଭାରେ ସାମାଜିକ କର୍ମୀ କେଦାର ନାଥ ଜେନା, ବଂଶୀଧର ଭୋଳ, ନଳିନୀ ସ୍ୱାଇଁ, ସୁରେନ୍ଦ୍ର ନାଥ ଛୋଟରାୟ, ନିରୋଦ ପଟ୍ଟନାୟକ, ବାଳକୃଷ୍ଣ ବେହେରା, କୃଷ୍ଣ ପ୍ରସାଦ ପାଢ଼ୀ, ଖବରଦାତା ଲଳିତ କୁମାର ଦାଶ ପ୍ରମୁଖ ଯୋଗଦେଇ ଗୌରଶ୍ୟାମଙ୍କ ସ୍ମୃତିଚାରଣ କରିଥିଲେ।

## ମାଈ ଶମ୍ବର ମୃତ

**ବାରଙ୍ଗ,୩।୨(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୮ ନମ୍ବର ଏନ୍‌କ୍ଲୋଜର୍‌ରେ ରହୁଥିବା ୧୧ବର୍ଷୀୟା ମାଈ ଶମ୍ବରର ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। କିଛିଦିନ ହେବ ସେ ବିଭିନ୍ନ ରୋଗରେ ପୀଡିତ ହେବା ସହ ନାକରୁ ରକ୍ତ ପଡୁଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ ମଧ୍ୟ ତାହାର ମୃତ୍ୟୁ ଘଟିଛି। ଏହି ମାଈ ଶମ୍ବରର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୧୮କୁ ହ୍ରାସପାଇଛି।

## ୨ ଡୋଜ୍ ଟିକା ବାଧ୍ୟତାମୂଳକ ସମ୍ପର୍କିତ ସଚେତନତା

କଟକ ସଦର, ୩।୨(ଡି.ଏନ୍.ଏ.)

ଆସନ୍ତା ୧୬ ତାରିଖରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ୩୮୩ ବୁଥ୍‌ରେ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ହେବ। ପ୍ରତି ବୁଥ୍‌ରେ ପ୍ରାର୍ଥୀଙ୍କ ଏଜେଣ୍ଟ ହେବା ପାଇଁ ୨ ଡୋଜ୍‌କୋଭିଡ୍‌ଟିକା ନେବା ବାଧ୍ୟତାମୂଳକ କରାଯାଇଛି। ନଚେତ ସେମାନେ ଏଜେଣ୍ଟ ଭାବେ ବୁଥ୍‌ରେ ବସି ପାରିବେ ନାହିଁ। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ବ୍ଲକ ପ୍ରଶାସନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଗୁରୁବାର ଏ ସମ୍ପର୍କରେ ସୂଚିତ କରିଛି। ଏଜେଣ୍ଟ ଫର୍ମ ଦାଖଲ ସମୟରେ ଟିକା ନେଇଥିବା ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ। କାରଣ ଉକ୍ତ ବ୍ଲକର ଗୋଟିଏ ଗୋଟିଏ ପଞ୍ଚାୟତରେ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ପଦବୀ ପାଇଁ ଅନେକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହାକୁ ବିଚାର କଲେ ଗୋଟିଏ ବୁଥ୍‌ରେ ୧୫ରୁ ୨୦ ଜଣ ଏଜେଣ୍ଟ ବସିବେ। ବୁଥ୍‌ର ଆୟତନକୁ ଦେଖି ଛୋଟ କୋଠରି ହୋଇଥିଲେ କୋଭିଡ୍ ନିୟମ ଅନୁଯାୟୀ ଏଜେଣ୍ଟମାନଙ୍କୁ ବୁଥ୍ ପ୍ରକୋଷ୍ଠ ବାରଣ୍ଡାରେ ବସିବା ପାଇଁ କୁହାଯାଇପାରିବ।

## ଆଇନଜୀବୀ ସତ୍ୟବ୍ରତ ପ୍ରଧାନଙ୍କ ଜୟନ୍ତୀ

କଟକ ଅଫିସ, ୩।୨

ଆଇନଜୀବୀ ସତ୍ୟବ୍ରତ ପ୍ରଧାନଙ୍କ ୫୫ତମ ଜୟନ୍ତୀ ଉତ୍ସବ କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସଭାଗୃହରେ ଗୁରୁବାର ପାଳିତ ହୋଇଯାଇଛି। ଆଇନଜୀବୀ ସତ୍ୟବ୍ରତ ପ୍ରଧାନ ସ୍ମୃତି ପରିଷଦ ଓ କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଆସୋସିଏଶନ ସଭାପତି ଅକ୍ଷୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ଉପସଭାପତି ସୁବାସ ଚନ୍ଦ୍ର ମହାନ୍ତି ଅତିଥିଙ୍କୁ ଆମନ୍ତ୍ରଣ, ଇଂ. ଆକାଶ ଭୂୟାଁ ସ୍ୱାଗତ ଭାଷଣ, ସମ୍ପାଦକ ସଞ୍ଜୟ କୁମାର ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ ଜଣ ଆଇନଜୀବୀ ରଜିତ ରାୟ, କାଶୀନାଥ ପଟ୍ଟନାୟକ ଏବଂ ଅଜିତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆସୋସିଏଶନ ସମ୍ପାଦକ ସଞ୍ଜୟ ପଣ୍ଡା, ଆଇନଜୀବୀ କାଳୀପ୍ରସନ୍ନ ମିଶ୍ର, ଜୟନ୍ତୀ ପାଢୀ, ତୁଷାରକାନ୍ତ ସାହୁ, ସମରେଶ ଜେନା, ଚିରଞ୍ଜୀବୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ପ୍ରାଧାପକ ପ୍ରଫୁଲ୍ଲ ସାହୁଙ୍କ ପରଲୋକ

**କଟକ ଅଫିସ,୩।୨:** କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ବିଶ୍ୱଜିତ୍ ସାହୁଙ୍କ ବାପା ତଥା ଅବସରପ୍ରାପ୍ତ ପ୍ରାଧାପକ ପ୍ରଫୁଲ୍ଲ କୁମାର ସାହୁ(୮୩)ଙ୍କ ଗୁରୁବାର ସକାଳେ ରାଣୀହାଟସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁଅ ଡ. ବିଶ୍ୱଜିତ୍ ସାହୁ, ସତ୍ୟଜିତ୍ ସାହୁ, ଝିଅ କବିତା କୁମାରୀ ସାହୁ, ଜାମାତା ଡ. ସୁଧାକର ପାତ୍ର, ପୁତ୍ରବଧୂ ଓ ନାତୁଣୀନାତିମାନେ ଉପସ୍ଥିତ ଥିଲେ। ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଡା. ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ। ପ୍ରଫୁଲ୍ଲ ଆସ୍କାସ୍ଥିତ ଟେକ୍ନିକାଲ ସ୍କୁଲ୍ ଓ କଟକସ୍ଥିତ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲରେ ଅଧାପକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ରାଣୀହାଟ ଅଞ୍ଚଳର ବହୁ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।



## ଇଡବ୍ଲ୍ୟୁଏସ୍ କ୍ୱାର୍ଟର୍ସରେ ଚଢ଼ାଉ

କଟକ ଅଫିସ,୩।୨

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର ୫୩ ନମ୍ବର ୱାର୍ଡରେ ଅନ୍ଦରପୁରସ୍ଥିତ ଇଡବ୍ଲ୍ୟୁଏସ୍ କ୍ୱାର୍ଟର୍ସରେ ଚଢାଉ କରାଯାଇ ବେଆଇନ ଭାବେ ରହୁଥିବା ଲୋକଙ୍କୁ ବାହାର କରାଯାଇଛି। ଏଥିସହ କ୍ୱାର୍ଟର୍ସର ଏକ ଘରୁ ବିପୁଳ ପରିମାଣରେ ମଦ ଓ ଆପତ୍ତିଜନକ ସାମଗ୍ରୀ ପୋଲିସ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କ୍ୱାର୍ଟର୍ସରେ ୧୯୦ଟି ଘର ରହିଛି । ସେଥିମଧ୍ୟରୁ ୬୯ଟି ଘରକୁ ସିଏମ୍‌ସି ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଦିଆଯାଇଥିବାବେଳେ ବାକି ୧୨୧ ଘର ଖାଲି ପଡିଥିଲା। ହେଲେ ସ୍ଥାନୀୟ ଅଞ୍ଚଳର ଜଣେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଉକ୍ତ ଘରଗୁଡିକୁ ଜବରଦଖଲ କରି ଅନ୍ୟମାନଙ୍କୁ ଭଡା ସୂତ୍ରରେ ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବରେ ରହୁଥିବା ଲୋକଙ୍କୁ ଖାଲି କରାଯାଇଛି ବୋଲି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଏହି ଚଢାଉରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।



ଜବରଦଖଲକାରୀଙ୍କୁ କ୍ୱାର୍ଟର୍ସରୁ ଖାଲି କରାଯାଉଛି।

- ବେଆଇନ ଭାବେ ରହୁଥିବା ଲୋକଙ୍କୁ ଖାଲି କରାଗଲା
- ମଦ, ଆପତ୍ତିଜନକ ସାମଗ୍ରୀ ଜବତ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଓ୍ୱାକର



@ ଶାଶ୍ୱତ



@ ଗୁନା



@ ବିନୋଦ



@ ପୁରୁଷୋତ୍ତମ



@ ପପୁ

## ସଚେତନତା ବାର୍ତ୍ତା ଦେଲେ କର୍କଟ ଯୋଦ୍ଧା

**ବିଶ୍ୱ କର୍କଟ ଦିବସ**

କଟକ ଅଫିସ, ୩।୨

ଆୱେକେନ କ୍ୟାନସର କେୟାର ଟ୍ରଷ୍ଟ ଓ ରୋଟାରାକ୍ଟ କ୍ଲବ ଅଫ୍ କଟକ ଗୋଲଡେନ ଷ୍ଟାର ମିଳିତ ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ଯୋଦ୍ରାସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟରେ ଗୁରୁବାର ପାଳିତ ହୋଇଯାଇଛି। କର୍କଟ ଯୋଦ୍ଧା, ଡାକ୍ତର ଏବଂ କର୍କଟ ସେବକମାନଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ନୌବାଣିଜ୍ୟ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍କଟ ରୋଗର ଲକ୍ଷଣ, ନିରାକରଣ ବିଷୟରେ ଆଲୋଚନା କରାଯିବା ସହିତ ଡାକ୍ତର ଏବଂ କର୍କଟ ଯୋଦ୍ଧାମାନେ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିସହ ଲୋକମାନଙ୍କ ମନରେ କର୍କଟକୁ ନେଇ ଥିବା ସଙ୍କୁଚିତ ମାନସିକତାକୁ ଦୂର କରିବା ଏବଂ ଲୋକଙ୍କୁ କର୍କଟ ରୋଗ ପାଇଁ ସଚେତନ କରାଯାଇଥିଲା। ଏଥିରେ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନର ସମ୍ପାଦକ ଅଭିଜିତ ପୌଲ୍, ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରା, କର୍କଟ ରୋଗ ବିଶେଷଜ୍ଞ ଡା. କ୍ଷୀତିଶ ମିଶ୍ର ଏବଂ ଆୱେକେନର ପ୍ରତିଷ୍ଠାତା ସ୍ୱାଗତିକା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।





କେନ୍ଦ୍ର ବଜେଟ୍‌କୁ ଜନବିରୋଧୀ ଓ ମହିଳା ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର କରାଯିବା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଦିନକ ପରେ ସରସ୍ୱତୀ ପୂଜା: ଗୁରୁବାର ଭୁବନେଶ୍ୱର ୟୁନିଟ୍-୧ ହାଟରେ ବିକ୍ରି ପାଇଁ ରଖାଯାଇଥିବା ସରସ୍ୱତୀ ମୂର୍ତ୍ତିଗୁଡ଼ିକୁ ଦୁଇଜଣ ଛାତ୍ରୀ ଦେଖୁଛନ୍ତି।



ଖୋର୍ଦ୍ଧା ଜିଲା ଟାଙ୍ଗୀସ୍ଥିତ ବଡପୋଖରିଆରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ପୁରୀ ଜିଲା କଣାସ ବ୍ଲକର ଶିରୁଳୀସ୍ଥିତ ମହାବୀର ହନୁମାନଙ୍କ ଗଦା ଓ ଜ୍ୟୋତି ଶଗଡରେ ନିଆଯାଉଛି ।

## ୩ ଏଟିଏମ୍ ଲୁଟେରା ଗିରଫ

କଣାସ,(ସ୍ୱ.ପ୍ର.)- କଣାସ ବ୍ଲକର ନୂଆ ଜଗନ୍ନାଥ ସଡ଼କ ଜଙ୍କିଆ ବଜାରଠାରେ ଥିବା ଆକ୍ସିସ ବ୍ୟାଙ୍କର ଏଟିଏମ୍ ଲୁଟ ଘଟଣାରେ ସମ୍ପୃକ୍ତ ଥିବା ୩ ଲୁଟେରାଙ୍କୁ କଣାସ ପୋଲିସ ଗିରଫ କରିଛି। ସେମାନେ ହେଲେ ନିରାକାରପୁର ଅଞ୍ଚଳର ରାଜେଶ ପ୍ରଧାନ(୨୨), ଜଗନ ସ୍ୱାଇଁ(୨୨), ପିଙ୍କୁ ବେହେରା (୨୪)। ସେମାନଙ୍କଠାରୁ ଗ୍ୟାସ ସିଲିଣ୍ଡର ଓ ୩ ମୋବାଇଲ ଜବତ କରାଯାଇଥିବା କଣାସ ଥାନା ଅଧିକାରୀ ସୁଜିତ କୁମାର ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ମାସ ୨୨ ତାରିଖ ରାତିରେ ଜଙ୍କିଆସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ଅଭିଯୁକ୍ତମାନେ ଲୁଟ୍ ଉଦ୍ୟମ କରୁଥିଲେ। ବିଶେଷସୂତ୍ରରୁ ଖବରପାଇ କଣାସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୁଟେରାମାନଙ୍କୁ ପିଛା କରିବାବେଳେ କାର୍ ଛାଡି ସେମାନେ ଫେରାର ହୋଇଯାଇଥିଲେ। ଉକ୍ତ ଗାଡିକୁ ପୋଲିସ ଜବତ କରି ତଦନ୍ତ କରିବା ବେଳେ ପ୍ରଥମେ ଗାଡିର ନମ୍ବରରୁ ମାଲିକଙ୍କୁ ଚିହ୍ନଟ କରି ୩ ଲୁଟେରାଙ୍କୁ ଧରିଥିଲ।।




୩।୨।୨୦୨୨

| | |
|---|---|
| ୩,୮୧,୬୮୦ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ |
| ରୁପା | ୫ ଗ୍ରାମ |

## ସଂକ୍ଷେପରେ

### ନିର୍ବାଚନ ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କୁ ତାଲିମ

ପୁରୀ ଅଫିସ,୩।୧- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ପରିସରରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ଅଧିକାରୀ ବିଡିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଉକ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକର ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଏହାପରେ ଆସନ୍ତା ୭, ୮ ଓ ୯ ତାରିଖରେ ବ୍ଲକ ସ୍ତରରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ଜିଲାରେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ରଶ୍ମିରେଖା ଦାସ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଚିନ୍ମୟ କୁମାର ପାଣିଗ୍ରାହୀ ଏବଂ ମୁଖ୍ୟ ତାଲିମ ପ୍ରଦାନକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁକ୍ତ୨ ପରୀକ୍ଷା ବାତିଲ ଦାବି

ପୁରୀ ଅଫିସ,୩।୨: ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ(ଏସ୍‌ସିଏସ୍) ସମେତ ସହରର ସମସ୍ତ ମହାବିଦ୍ୟାଳୟର ଯୁକ୍ତ୨ ଛାତ୍ରୀଛାତ୍ରମାନେ କଲେଜ ଛକ ଓ ଝାଡ଼େଶ୍ୱରୀ ଛକରେ ଯୁକ୍ତ୨ ପରୀକ୍ଷାକୁ ବାତିଲ ଦାବିରେ ଧାରଣା ଦେଇଛନ୍ତି। ଚଳିତବର୍ଷ ୫ମାସ ପାଇଁ କଲେଜ ଖୋଲିଥିବା ବେଳେ ଠିକ୍ ଭାବେ ତିନି ମାସ ପାଠପଢ଼ା ହୋଇଛି। ସେହିଭଳି ପ୍ରଥମ ବର୍ଷଟି ପୂରା ଅନଲାଇନ୍ କ୍ଲାସରେ ସରିଲା। ଆମର ମୂଳଦୁଆ ଦୃଢ଼ ହୋଇପାରିଲା ନାହିଁ ସରକାର ପରୀକ୍ଷା କରାଇବାକୁ ବ୍ୟଗ୍ର ଥିବାବେଳେ ଆମ ପାଠପଢ଼ା ଉପରେ ସମାନ ଧାନ ଦେଇନାହାନ୍ତି ବୋଲି ୨ୟ ବର୍ଷର ଛାତ୍ର ରାମଚନ୍ଦ୍ର ପଣ୍ଡା କହିଛନ୍ତି। ରୋଜାଲିନ୍ ମିଶ୍ର କହିଛନ୍ତି, ମହାବିଦ୍ୟାଳୟର ଅଧାପକମାନେ ପାଠ୍ୟକ୍ରମ ଶେଷ କରି ନ ଥିବାବେଳେ ସରକାରଙ୍କୁ ପାଠ୍ୟକ୍ରମ ସରିଥିବା କହିଛନ୍ତି। ପୋଲିସ ପହଞ୍ଚି ଆନ୍ଦୋଳନ ଭାଙ୍ଗିଥିଲା।

### ଖବରଦାତାଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଗୋପ, ୩।୨(ଡି.ଏନ୍.ଏ.)- ଗୋପ ଅଞ୍ଚଳର ଖବରଦାତା ତୀର୍ଥବାସୀ ରଥ(୬୧)ଙ୍କ ବିୟୋଗ ହୋଇଛି। ଏ ନେଇ ଗୋପ ପ୍ରେସ୍ କ୍ଲବ ପକ୍ଷରୁ ଏକ ଶୋକସଭା ଆୟୋଜନ ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ପ୍ରେସ୍ କ୍ଲବ ସଭାପତି ଭାରତୀ ଭୂଷଣ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସଭାରେ ଖବରଦାତା ସନ୍ତୋଷ ରାୟ, ମିଳନ ମହାନ୍ତି, ସୁରେଶ ସାହୁ, ରଶ୍ମିରଞ୍ଜନ ବେହେରା, ପ୍ରକାଶ ଚନ୍ଦ୍ର ଖଟୋଇ, ରତ୍ନାକର ସେଠୀ, ସଭ୍ୟ ଗଣେଶ ଚନ୍ଦ୍ର ବେହେରା, ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପୀଡ଼ିତା ଶିଶୁକନ୍ୟାଙ୍କୁ ମିଳିଲା କ୍ଷତିପୂରଣ

ପୁରୀ ଅଫିସ,୩।୨

ଜିଲା ଆଇନ ସେବା ପ୍ରାଧିକରଣ ପୁରୀ ପକ୍ଷରୁ ବଳାତ୍କାରର ଶିକାର ହୋଇଥିବା ଜଣେ ଶିଶୁକନ୍ୟାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏହି ମଧ୍ୟରୁ ନିର୍ଦ୍ଦେଶ ଅନୁଯାୟୀ ୫୦ହଜାର ଟଙ୍କା ଚେକ୍ ଆକାରରେ ପୀଡ଼ିତାଙ୍କ ଜରୁରିକାଳୀନ ଖର୍ଚ୍ଚ ନିମନ୍ତେ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକଙ୍କୁ ପୀଡ଼ିତା ସାବାଳକ ହେବା ପର୍ଯ୍ୟନ୍ତ ସ୍ଥାୟୀ ଜମା ଭାବେ ରଖିବା ପାଇଁ ଚିଠି ମାଧ୍ୟମରେ ପ୍ରେରିତ କରିଥିଲେ। ସୂଚନା ଅନୁଯାୟୀ, ଟାଉନ ଥାନା ଅଞ୍ଚଳର ଜଣେ ଶିଶୁକନ୍ୟାଙ୍କୁ ଜଣେ ବ୍ୟକ୍ତି ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ତାଙ୍କ ମା ଗତ ମାସ ୨୩ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ମାମଲା ହେବା ସହ ଉକ୍ତ ଶିଶୁକନ୍ୟାକୁ ଚିକିତ୍ସା ନିମନ୍ତେ ପୁରୀ ମେଡିକାଲ ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ଏ ସମ୍ପର୍କରେ ପୀଡ଼ିତା ଶିଶୁକନ୍ୟାର ମା’ ଟାଉନ ଥାନା ଅଧିକାରୀଙ୍କ ନିକଟରେ କ୍ଷତିପୂରଣ ଲାଗି ଦରଖାସ୍ତ କରିଥିଲେ। ଉକ୍ତ ଦରଖାସ୍ତଟିକୁ ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ପଠାଯାଇଥିଲା। ଏହାପରେ ପୋକ୍ସୋ କୋର୍ଟର ବିଚାରପତି ଜିଲା ଆଇନସେବା କାର୍ଯ୍ୟାଳୟକୁ ଉକ୍ତ ପୀଡ଼ିତାଙ୍କୁ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା ଅନୁସାରେ ଆର୍ଥିକ ସହାୟତା ରାଶି ଦେବା ପାଇଁ ସୁପାରିସ କରିଥିଲେ। ଉକ୍ତ ଘଟଣାକୁ ଆଧାର କରି ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକ୍ ଗତ ମାସ ୨୯ରେ ଏକ ଜରୁରୀ ବୈଠକ ଡାକିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବୈଠକରେ ପୀଡ଼ିତାଙ୍କ କ୍ଷତିପୂରଣ ସହାୟତା ଦରଖାସ୍ତ ବିଚାର କରାଯାଇ କମିଟିର ଉପସ୍ଥିତ ସଦସ୍ୟଙ୍କର ମିଳିତ ନିଷ୍ପତ୍ତି ଅନୁସାରେ ଉକ୍ତ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କା ମଧ୍ୟବର୍ତ୍ତୀକାଳୀନ ସହାୟତା ରାଶି ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଜିଲା ଆଇନସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ ଗତ ୧ ତାରିଖରେ ତାଲିମପ୍ରାପ୍ତ ଅଧିବକ୍ତା ପ୍ୟାନେଲ ଲୟର ଦୁର୍ଗାମାଧବ ମହାପାତ୍ର ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ ହାରାମଣି ଦେବୀ ଏବଂ ମନୋଜ କୁମାର ସାହୁଙ୍କ ଜରିଆରେ ପୀଡ଼ିତା ଏବଂ ତାଙ୍କ ମାତାପିତାଙ୍କୁ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଡକାଇ ସହାୟତା ରାଶି ପ୍ରଦାନ କରିଥିଲେ।


ରାସ୍ତା ସମସ୍ୟା ନେଇ ଗୁରୁବାର ୩୦ନଂ. ୱାର୍ଡ ମଧୁବନସ୍ଥିତ ବାସିନ୍ଦାମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ।

# ରାସ୍ତା ସମସ୍ୟା ନେଇ ୱାର୍ଡବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୩।୨

ସର୍ବସାଧାରଣ ବ୍ୟବହାରଯୋଗ୍ୟ ରାସ୍ତାକୁ ଜଣେ ବ୍ୟକ୍ତି ନିଜର ଜାଗା ଦର୍ଶାଇ ରାସ୍ତା କାମରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ କରି ପୁରୀ ପୌରସଂସ୍ଥା ଅନ୍ତର୍ଗତ ୩୦ନଂ. ୱାର୍ଡ ମଧୁବନସ୍ଥିତ କେତେଜଣ ବାସିନ୍ଦା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାଟିଆପଡାସ୍ଥିତ ମଧୁବନ, ୱାର୍ଡ ନଂ– ୩୦ର ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପଶ୍ଚିମ ପଟ ତୁଠକୁ ଲାଗି ରାସ୍ତାକୁ ସେହି ଅଞ୍ଚଳର ଜଣେ ବ୍ୟକ୍ତି ଚଞ୍ଚକତା କରି ରେକର୍ଡରେ ନିଜ ନାମରେ କାଗଜପତ୍ର କରିନେଇଛନ୍ତି। ତେବେ ଉକ୍ତ ରାସ୍ତାଟି ସର୍ବସାଧାରଣଙ୍କ ରାସ୍ତା ହୋଇଥିବା ବେଳେ ସେ ନିଜର ବ୍ୟକ୍ତିଗତ ଜାଗା ବୋଲି ଦର୍ଶାଉଛନ୍ତି। କିନ୍ତୁ ସେହି ରାସ୍ତାଟି ସାବକ ଖାତାରେ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବାବେଳେ ତହସିଲ ଅମିନ ଓ ପୌର ସଂସ୍ଥା ଅମିନ ଏହି ରାସ୍ତା ମାପ କରି ସର୍ବସାଧାରଣ ରାସ୍ତା ବୋଲି ଦର୍ଶାଇଥିଲେ। ବ୍ୟକ୍ତି ଜଣକ କିଭଳି ଉକ୍ତ ସ୍ଥାନକୁ ନିଜ ନାମରେ ରେକର୍ଡ କରାଇଛନ୍ତି ତାହା ସନ୍ଦେହ ସୃଷ୍ଟି ହେଉଛି। ବର୍ତ୍ତମାନ ପୁରୀ ପୌରସଂସ୍ଥା ଉକ୍ତ ସର୍ବସାଧାରଣ ରାସ୍ତାକୁ କଂକ୍ରିଟ୍ ରାସ୍ତାରେ ପରିଣତ କରିବାକୁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଉକ୍ତ ବ୍ୟକ୍ତି ରାସ୍ତାକାର୍ଯ୍ୟକୁ ବନ୍ଦ କରାଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳୁଛି। ରାସ୍ତାଟିକୁ ପୁରୀ ଜିଲା ପ୍ରଶାସନ କଂକ୍ରିଟ ରାସ୍ତାରେ ପରିଣତ କରି ସର୍ବସାଧାରଣଙ୍କ ରାସ୍ତା ନିର୍ମାଣ ନିମନ୍ତେ ପୌରସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ଅଭିଯୋଗକାରୀ ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜୟକ୍ରିଷ୍ଣା ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ଗୁରୁ ପ୍ରସାଦ ପାଣ୍ଡା, ଦିଲୀପ ସାହୁ, ଅନିତା ସିହ୍ନା, ସତ୍ୟଭାମା ଦାଶ, ଚନ୍ଦା ଦେଈ, ମଞ୍ଜୁବାଳା ସାହୁ, ସସ୍ମିତା ପ୍ରଧାନ, ଚନ୍ଦ୍ରମଣି ନାୟକ ଏବଂ ରମା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦଇତାପତି ନିଯୋଗ ନିର୍ବାଚନ, ୨୯ ପ୍ରାର୍ଥିପତ୍ର ଦାଖଲ

ପୁରୀ ଅଫିସ, ୩।୨

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ଚଳିତ ମାସ ୧୨ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ୨୯ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ସକାଳ ୯ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିଯୋଗର ସଭାପତି, ଉପ ସଭାପତି, ସମ୍ପାଦକ, ସହ ସମ୍ପାଦକ କୋଷାଧକ୍ଷ ଏବଂ କମିଟି ମେମ୍ବର ଭାବେ ନିର୍ବାଚିତ ହେବେ। ଆସନ୍ତା ୮ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି। ଯେଉଁ ଚାହିଁବେ ସେଦିନ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୮ ତାରିଖ ସନ୍ଧ୍ୟା ୫ଟା ପରେ ନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଆସନ୍ତା ୧୨ ତାରିଖ ଦିନ ମତଦାନ କରାଯିବ। ଦଇତାପତି ନିଯୋଗର ସଦସ୍ୟମାନେ ସକାଳ ୯ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ କରିପାରିବେ। ସେହିଦିନ ଅପରାହ୍ନ ୪ଟାରୁ ଭୋଟ ଗଣିତ ହେବ। ପ୍ରାର୍ଥୀମାନଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ୧୫ ଜଣ ପ୍ରାର୍ଥୀଙ୍କ ନାମ ପ୍ରଦାନ କରାଯିବ। ଯେଉଁମାନଙ୍କ ମଧ୍ୟରେ ସଭାପତି, ଉପ ସଭାପତି, ସମ୍ପାଦକ, ସହ ସମ୍ପାଦକ ଏବଂ କୋଷାଧକ୍ଷ ନିମନ୍ତେ ୧୪ ତାରିଖରେ ନିର୍ବାଚନ ହେବ। ସେମାନଙ୍କ ମଧ୍ୟରୁ ୫ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହେବେ। ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ମେମ୍ବର ଭାବରେ ଦାୟିତ୍ୱ ତୁଲାଇବେ।

## ସମିତି ସଭ୍ୟ ପ୍ରାର୍ଥୀଙ୍କ ଗାଡ଼ିକୁ ଢେଲାମାଡ଼

ସାକ୍ଷୀଗୋପାଳ,୩।୨(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର ବଳରାମପୁରଗଡ଼ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀଙ୍କ କାର୍‌କୁ ବୁଧବାର ରାତିରେ ଢେଲା ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ସମିତି ସଭ୍ୟ ପ୍ରାର୍ଥୀ ତ୍ରିଲୋଚନ ନନ୍ଦ ବୁଧବାର ରାତିରେ ଓଡି –୦୨–ଏକ୍ୟୁ ୨୦୦୪ ନମ୍ବର କାର୍‌ରେ ପୁରୀରୁ ନିଜ ଘର ବୁକେରା ଗ୍ରାମକୁ ଫେରୁଥିଲେ। ହେଲେ ବଳରାମପୁରଗଡ଼ ଗ୍ରାମ ମଧ୍ୟରେ ହଠାତ୍ ତାଙ୍କ କାର୍‌କୁ କେହି ଦୁର୍ବୃତ୍ତ ଢେଲାମାଡ଼ କରିଥିଲେ। ଫଳରେ କାର୍‌ର ଆଗପଟ କାଚ ଭାଙ୍ଗିଯାଇଥିଲା। କାର୍‌ର ପଛପଟକୁ ମଧ୍ୟ ଇଟାମାଡ଼ କରାଯାଇଥିଲା। ଏ ସମ୍ପର୍କରେ ତ୍ରିଲୋଚନ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ କରାଯାଉଛି ବୋଲି ବଳଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ପ୍ରକାଶ କରିଛନ୍ତି ।

## ପ୍ରାର୍ଥୀଙ୍କ ଖର୍ଚ୍ଚ ବିବରଣୀ ତଦାରଖ କଲେ ପର୍ଯ୍ୟବେକ୍ଷକ

ପିପିଲି,୩।୨(ସ୍ୱ.ପ୍ର.)

ପିପିଲି ପଞ୍ଚାୟତ ସମିତିର ସଭାଗୃହ କକ୍ଷରେ ପ୍ରାର୍ଥୀଙ୍କ ହିସାବ ଖର୍ଚ୍ଚର ଏକ ଯାଞ୍ଚ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ପୁରୀ ଡିଆର୍‌ଡିଏର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ତଥା ନିର୍ବାଚନ ସଂଯୋଜକ ନିଶୀଥ କୁମାର ଦାଶ, ବିଡିଓ ରଶ୍ମିତା ନାଥ, ପିପିଲି ବ୍ଲକ ଅର୍ଥ ବିଭାଗର ମୁଖ୍ୟ କେଶବତୀ ରୁଦ୍ର, ଏବିଡିଓ ଶୈଳବାଳା ତ୍ରିପାଠୀ ଓ ଜିପିଓ ଗାୟତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରାର୍ଥୀମାନଙ୍କର ଖର୍ଚ୍ଚ ବିବରଣୀ ଖାତା ତଦାରଖ କରିଥିଲେ। ଏଥିରେ ପିପିଲି ବ୍ଲକର ୩ଟି ଜିଲା ପରିଷଦ ଜୋନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସମେତ ୨୫ଟି ଗ୍ରା.ପ.ର ସରପଞ୍ଚ, ସମିତିସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଯୋଗଦେଇ ସେମାନଙ୍କ ଖର୍ଚ୍ଚ ବିବରଣୀ ହିସାବ ଖାତା ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାଖଲ କରିଥିଲେ। ପରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରାର୍ଥୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ କେତେକ ଉପଦେଶ ଦେଇଥିଲେ।

## ଗଦା ନେଇ ଶଗଡ଼ ଯାତ୍ରା

କଣାସ,୩।୨(ସ୍ୱ.ପ୍ର.)

କଣାସ ବ୍ଲକ ଅଞ୍ଚଳର ହନୁମାନ ଉପାସନା ପୀଠ ଶିରୁଳୀ ମହାବୀରଙ୍କଠାରୁ ଏକ ଜ୍ୟୋତି ଓ ଏକ ଗଦା ନେଇ ଶୋଭାଯାତ୍ରାରେ ବାହାରି ବ୍ଲକ ପରିକ୍ରମା କରି ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଭିମୁଖେ ଯାଇଥିଲା। ଟାଙ୍ଗୀସ୍ଥିତ ବଡ଼ପୋଖରିଆରେ ନବନିର୍ମିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହେଉଛି। ଏହି ଉପଲକ୍ଷେ ଗୁରୁବାର ମଧ୍ୟାହ୍ନରେ ଭକ୍ତମାନେ ସୁସଜ୍ଜିତ ୭ଟି ଶଗଡଗାଡିରେ ଶିରୁଳୀ ମହାବୀରଙ୍କ ଗଦା ଓ ଜ୍ୟୋତି, ଆଜ୍ଞାମାଳ ଧରିଯାଇଥିଲେ। ସୁସଜ୍ଜିତ ୭ଗାଡିରେ ବାଜା, ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତବୃନ୍ଦ ସାମିଲ ଥିଲେ। ଏହି ପଟୁଆର ଯିବାବେଳେ ପ୍ରତ୍ୟେକ ଗ୍ରାମରେ ମହିଳାମାନେ ହୁଳ ହୁଳି ଦେଇ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ଜ୍ୟୋତି ମନ୍ଦିର ନିକଟରେ ପହଞ୍ଚିବା ପରେ ୫ଦିନ ବ୍ୟାପୀ ବଡପୋଖରିଆରେ ଯଜ୍ଞ ହେବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଓ୍ୱାକର


@ ଶାଶ୍ୱତ


@ ଗୁନା


@ ବିନୋଦ


@ ପୁରୁଷୋତ୍ତମ


@ ପପୁ

# ୧୯ ନଂ. ଜୋନ୍ ପାଇଁ ତୀବ୍ର ଲଢ଼େଇ

ନିମାପଡ଼ା,୩।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ୪ଟି ଜିଲା ପରିଷଦ ଜୋନ ରହିଥିବା ବେଳେ ୧୯ନଂ. ଜୋନଟି ସମ୍ମାନଜନକ ଅଟେ। ବାମନାଳ, ସଲଙ୍ଗ, ଅରିଷଣ୍ଡ, ଅନ୍ତୁଆର, ଧଳେଶ୍ୱର, ବଡ଼ଶିରୁଳା, ଅଲଣ୍ଡା, ଧନୁଆଁ, ରେଞ୍ଚଶାସନ ଆଦି ୯ ପଞ୍ଚାୟତକୁ ନେଇ ଏହି ଜୋନ୍ ଗଠିତ। ଚଳିତ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ପାଇଁ ବିଜେଡି ଦଳ ପକ୍ଷରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଭାଜପା ଦଳ ପକ୍ଷରୁ ବିଜୟ କୁମାର ପଣ୍ଡା, କଂଗ୍ରେସ ଦଳ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ, ବିଏସ୍‌ପି ପକ୍ଷରୁ ସମ୍ପଦ ନାୟକ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀକାନ୍ତ ସାମଲ ପ୍ରମୁଖ ୫ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ପ୍ରଦୀପ୍ତ କୁମାର ଖଟୋଇ ଓ ଭାଜପା ପ୍ରାର୍ଥୀ ବିଜୟ କୁମାର ପଣ୍ଡାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆଶଙ୍କା ରହିଛି। ଅନ୍ୟ ପ୍ରାର୍ଥୀମାନଙ୍କର ପ୍ରଚାର ସେତେଟା ହେଉ ନ ଥିବା ଦେଖିବାକୁ ମିଳିଛି।

ବିଜେଡି ପ୍ରାର୍ଥୀ ପ୍ରଦୀପ୍ତ ଜଣେ ପୁରୁଖା ନେତା ହୋଇଥିବାବେଳେ ପୂର୍ବରୁ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ରହିଛନ୍ତି। ତାଙ୍କ ସ୍ତ୍ରୀ ମନସ୍ୱିନୀ ଖଟୋଇ ମଧ୍ୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ। ଏଥିପାଇଁ ପ୍ରଦୀପ୍ତଙ୍କ ଏହି ଜୋନ ସମେତ ସମ୍ପୂର୍ଣ୍ଣ ବ୍ଲକରେ ଯଥେଷ୍ଟ ଜନପ୍ରିୟ ରହିଛି। ସେହିପରି ଭାଜପା ପ୍ରାର୍ଥୀ ବିଜୟ ପଣ୍ଡା ମଧ୍ୟ ଦଳର ଜଣେ ପୁରୁଖା ଓ କୃଷକ ନେତା ଭାବେ ବେଶ୍ ପରିଚିତ। ତେବେ ଏହି ଜୋନରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ଓ ପ୍ରଚାର ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭାର ସମ୍ଭାଳି ଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ ନାୟକ ମଙ୍ଗୁଆଳ ସାଜିଛନ୍ତି। ୧୯ ନଂ. ଜୋନଟି ବିଜୁ ଜନତା ଦଳର ଦୁର୍ଗ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳତା, ଦୃଢ଼ ନେତୃତ୍ୱ, ନିମାପଡ଼ା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହିଁ ଏହି ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପଟେ ବିଜେଡି ଦଳର ଭ୍ରଷ୍ଟାଚାର, କଳଙ୍କିତ, ଏକଛତ୍ରବାଦୀ ଶାସନ, ଗରିବମାରଣ ନୀତି ଯୋଗୁ ଲୋକେ ଅତିଷ୍ଠ ହୋଇଗଲେଣି। ତେଣୁ ଏହି ନିର୍ବାଚନରେ ପରିବର୍ତ୍ତନର ହାୱା ଆବଶ୍ୟକ ଥିବାରୁ ଲୋକଙ୍କ ସ୍ୱର ଏଥର ଭାଜପା ସପକ୍ଷରେ ଯିବ ବୋଲି ରାଜ୍ୟ ଉପସଭାପତି ପରିଡ଼ା ଓ ଯୁବନେତା ନାୟକ ଦୃଢ଼ ପ୍ରକାଶ କରିଛନ୍ତି। ଏହି ଜୋନ ଅଧୀନ ୯ଟି ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପ୍ରାର୍ଥୀ ଏବଂ ଭାଜପା ସମର୍ଥିତ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଉଛି।

# କାୟାକଳ୍ପ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ



ସାକ୍ଷୀଗୋପାଳ, ୩।୨(ସ୍ୱ.ପ୍ର./ଡି.ଏନ୍.ଏ.)

କାୟାକଳ୍ପ ପ୍ରତିନିଧି ମଣ୍ଡଳୀ ଗୁରୁବାର ସତ୍ୟବାଦୀ ଗସ୍ତରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଶୁକଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପାଣିଛତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗବକୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସାରଙ୍ଗଯୋଡ଼ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଣବ ଶଙ୍କର ଦାଶ, ସାକ୍ଷୀଗୋପାଳ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱଜିତ ମିଶ୍ର, ଡିଡିଏମ୍ ସୁଦାମ ଚରଣ ମହାରଣା, ବିପିଏମ୍ ଜ୍ୟୋତି ରଞ୍ଜନ ଶତପଥୀ, ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ, ପିଏଚ୍‌ଇଓ କ୍ଷେତ୍ରମଣି ସେଠୀ ଓ ବିଏଏମ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।



କେନ୍ଦ୍ର ବଜେଟ୍‌କୁ ଜନବିରୋଧୀ ଓ ମହିଳା ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର କରାଯିବା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଦିନକ ପରେ ସରସ୍ୱତୀ ପୂଜା: ଗୁରୁବାର ଭୁବନେଶ୍ୱର ୟୁନିଟ୍–୧ ହାଟରେ ବିକ୍ରି ପାଇଁ ରଖାଯାଇଥିବା ସରସ୍ୱତୀ ମୂର୍ତ୍ତିଗୁଡ଼ିକୁ ଦୁଇଜଣ ଛାତ୍ରୀ ଦେଖୁଛନ୍ତି।


ଖୋର୍ଦ୍ଧା ଜିଲା ଟାଙ୍ଗୀସ୍ଥିତ ବଡପୋଖରିଆରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ପୁରୀ ଜିଲା କଣାସ ବ୍ଲକର ଶିରୁଳୀସ୍ଥିତ ମହାବୀର ହନୁମାନଙ୍କ ଗଦା ଓ ଜ୍ୟୋତି ଶଗଡ଼ରେ ନିଆଯାଉଛି ।